
ଦାଦା ଭଗବାନ ପ୍ରରୂପିତ

# ମୁଁ କିଏ ?



ନିଜେ 'ନିଜ'ଠାରୁ କେବେ ପର୍ଯ୍ୟନ୍ତ ଅଜଣା ରହିବେ ?

**'ନିଜେ କିଏ ଅଟ'**

ତାହା ଜାଣିବାର ଆବଶ୍ୟକ ଅଛି ।

# ଦାଦା ଭଗବାନ କିଏ ?



ଅକ୍ରମ ମାର୍ଗର ପ୍ରଣେତା ଜ୍ଞାନୀପୁରୁଷ 'ଦାଦା ଭଗବାନ' (ଦାଦାଶ୍ରୀ)ଙ୍କର ମୂଳ ନାମ ଶ୍ରୀ ଅମ୍ବାଲାଲ୍ ମୂଳଜୀଭାଇ ପଟେଲ ଥିଲା । ସେ ଆନନ୍ଦ ଜିଲ୍ଲାର ଭାଦରଣ ଗାଁର ନିବାସୀ ଥିଲେ, ଏବଂ ପରେ ବ୍ୟବସାୟ ପାଇଁ ବରୋଦାରେ ରହିବାକୁ ଲାଗିଲେ । ପିଲାଦିନରୁ ହିଁ ତାଙ୍କୁ ଆଧାତ୍ମରେ କିଛି ବିଶେଷ ରୁଚି ଥିଲା । ୧୯୫୮ ମସିହା ଜୁନ୍ ମାସର ଏକ ସନ୍ଧ୍ୟାରେ ସୁରଟର ରେଲୱେ ଷ୍ଟେସନ୍‌ରେ କେବଳ ଗୋଟିଏ ଘଣ୍ଟାରେ ତାଙ୍କୁ ପ୍ରାକୃତିକ ରୂପରେ ବିଶ୍ୱଦର୍ଶନ ହେଲା ଏବଂ ଏ.ଏମ୍. ପଟେଲ୍‌ଙ୍କ ଭିତରେ 'ଦାଦା ଭଗବାନ' ସମ୍ପୂର୍ଣ୍ଣ ରୂପରେ ପ୍ରକଟ ହେଲେ ! ''ମୁଁ କିଏ ? ଜଗତ କିଏ ଚଳାଉଛି ? ଭଗବାନ କେଉଁଠି ଅଛନ୍ତି ? କର୍ମ କ'ଣ ? ମୁକ୍ତି କ'ଣ ?'' ଇତ୍ୟାଦି ସମସ୍ତ ପ୍ରଶ୍ନର ସମ୍ପୂର୍ଣ୍ଣ ରହସ୍ୟ ପ୍ରକଟ ହେଲା ! ତାଙ୍କୁ ଯେପରି ଆତ୍ମସାକ୍ଷାତ୍କାର ଅନୁଭବ ହେଲା, ସେପରି କେବଳ ଦୁଇ ଘଣ୍ଟାରେ ହିଁ ଅନ୍ୟ ମୁମୁକ୍ଷୁମାନଙ୍କୁ ମଧ୍ୟ ସେ ତାଙ୍କର ଅଦ୍ଭୁତ ଜ୍ଞାନ ପ୍ରୟୋଗ ଦ୍ୱାରା ପ୍ରାପ୍ତି କରାଉଥିଲେ ! ଏଥିପାଇଁ ତାହାକୁ ସେ 'ଅକ୍ରମ ମାର୍ଗ' କହିଲେ । ଅକ୍ରମ ଅର୍ଥାତ୍ କ୍ରମ ବିନା, ଲିଫ୍ଟ ମାର୍ଗ, ସର୍ଟ-କଟ୍ ! ୧୯୬୨ ରୁ ୧୯୮୮ ପର୍ଯ୍ୟନ୍ତ ଦାଦାଶ୍ରୀ ହଜାର ହଜାର ଲୋକଙ୍କୁ ଆତ୍ମଜ୍ଞାନ ଦେଇ ମୋକ୍ଷ ପଥରେ ଚଢ଼ାଇଥିଲେ ।

ଦାଦା ଭଗବାନ ପ୍ରରୂପିତ

# ମୁଁ କିଏ ?

ସଂକଳନ : ଡା. ନୀରୁବହନ ଅମୀନ

**ପ୍ରକାଶକ : ଶ୍ରୀ ଅଜିତ୍ ସି. ପଟେଲ**
**ଦାଦା ଭଗବାନ ଆରାଧନା ଟ୍ରଷ୍ଟ**
୫, ମମତା ପାର୍କ ସୋସାଇଟ, ନବଗୁଜରାଟ
କଲେଜ ପଛ, ଉସ୍ମାନପୁରା,
ଅହମଦାବାଦ୍-୩୮୦୦୧୪, ଗୁଜୁରାଟ
**ଫୋନ୍ :** (୦୭୯) ୩୯୮୩୦୧୦୦

© All Rights reserved - Deepakbhai Desai
Trimandir, Simandhar City Ahmedabad-Kalol Highway,
Adalaj, Dist- Gandhinagar-382421, Gujarat, India
No part of this book may be used or reproduced in any manner whatsoever without written permission from the holder of the copyrights.

**ପ୍ରଥମ ସଂସ୍କରଣ : ବହି ସଂଖ୍ୟା ୧୦୦୦ ମଇ ୨୦୧୬**

**ଭାବ ମୂଲ୍ୟ :** 'ପରମ ବିନୟ' ଏବଂ
'ମୁଁ କିଛି ମଧ୍ୟ ଜାଣି ନାହିଁ', ଏହି ଭାବ !

**ଦ୍ରବ୍ୟ ମୂଲ୍ୟ :** ୧୫ ଟଙ୍କା

**ମୁଦ୍ରକ :** ଅମ୍ବା ଓଫ୍‌ସେଟ୍
ପାର୍ଶ୍ୱନାଥ ଚାମ୍ବର୍ସ, ନୁଆ ରିଜର୍ଭ ବ୍ୟାଙ୍କ ପାଖ,
ଇନ୍‌କମ୍‌ଟ୍ୟାକ୍ସ, ଅହମଦାବାଦ୍ - ୩୮୦୦୧୪
ଫୋନ : (୦୭୯) ୨୭୫୪୨୯୬୪

# ତ୍ରିମନ୍ତ୍ର




ନମୋ ଅରିହଂତାଣଂ



ନମୋ ସିଦ୍ଧାଣଂ
ନମୋ ଆୟରିୟାଣଂ
ନମୋ ଉବଜ୍ଝାୟାଣଂ



ନମୋ ଲୋଏ ସବ୍ୱସାହୁଣଂ
ଏସୋ ପଞ୍ଚ ନମୁକ୍କାରୋ,
ସବ୍ୱ ପାବପ୍ପଣାସଣୋ
ମଙ୍ଗଲାଣଂ ଚ ସବ୍ୱେସିଂ,
ପଢମଂ ହବଇ ମଙ୍ଗଲମ୍ ୧
ॐ ନମୋ ଭଗବତେ ବାସୁଦେବାୟ ୨
ॐ ନମଃ ଶିବାୟ ୩
॥ ଜୟ ସଚ୍ଚିଦାନନ୍ଦ ॥



# ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ପ୍ରତ୍ୟକ୍ଷ ଲିଙ୍କ୍

"ମୁଁ ତ କିଛି ଲୋକଙ୍କୁ ନିଜ ହାତରେ ସିଦ୍ଧି ପ୍ରଦାନ କରିବାକୁ ଯାଉଛି। ପରେ ଅନୁଗାମୀ ଦରକାର କି ନାହିଁ ? ପରେ ଲୋକଙ୍କୁ ମାର୍ଗ ତ ଦରକାର ନା ?"

**- ଦାଦାଶ୍ରୀ**

ପରମ ପୂଜ୍ୟ ଦାଦାଶ୍ରୀ ଗାଁ'-ଗାଁ', ଦେଶ-ବିଦେଶ ପରିଭ୍ରମଣ କରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି କରାଉଥିଲେ। ସେ ନିଜର ଜୀବନ କାଳ ମଧ୍ୟରେ ପୂଜ୍ୟ ଡା. ନୀରୁବହନ ଅମୀନ (ନୀରୁମାଁ)ଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଇବାର ଜ୍ଞାନସିଦ୍ଧି ପ୍ରଦାନ କରିଥିଲେ। ଦାଦାଶ୍ରୀଙ୍କ ଦେହ ବିଲୟ ପରେ ନୀରୁମା ସେହିପରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି, ନିମିତ୍ତ ଭାବରେ କରାଉଥିଲେ। ପୂଜ୍ୟ ଦୀପକଭାଇ ଦେଶାଇଙ୍କୁ ଦାଦାଶ୍ରୀ ସତ୍‌ସଙ୍ଗ କରିବା ପାଇଁ ସିଦ୍ଧି ପ୍ରଦାନ କରିଥିଲେ। ନୀରୁମାଁଙ୍କ ଉପସ୍ଥିତିରେ ହିଁ ତାଙ୍କର ଆଶୀର୍ବାଦ ଦ୍ୱାରା ପୂଜ୍ୟ ଦୀପକଭାଇ ଦେଶ-ବିଦେଶରେ ଅନେକ ଜାଗାକୁ ଯାଇ ମୁମୁକ୍ଷୁମାନଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଉଥିଲେ, ଯାହା ନୀରୁମାଙ୍କ ଦେହବିଲୟ ପରେ ଆଜି ମଧ୍ୟ ଚାଲୁଅଛି। ଏହି ଆତ୍ମଜ୍ଞାନ ପ୍ରାପ୍ତି ପରେ ହଜାର ହଜାର ମୁମୁକ୍ଷୁ ସଂସାରରେ ରହି, ନିଜର ସାଂସାରିକ ଦାୟିତ୍ୱ ବହନ କରି ମଧ୍ୟ ମୁକ୍ତ ରହି ଆତ୍ମରମଣତାର ଅନୁଭବ କରୁଛନ୍ତି।

ଗ୍ରନ୍ଥରେ ମୁଦ୍ରିତ ବାଣୀ ମୋକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ ପାଇଁ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେବ, କିନ୍ତୁ ମୋକ୍ଷପ୍ରାପ୍ତି ପାଇଁ ଆତ୍ମଜ୍ଞାନ ପ୍ରାପ୍ତ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ। ଅକ୍ରମ ମାର୍ଗ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତିର ମାର୍ଗ ଆଜି ମଧ୍ୟ ଖୋଲା ଅଛି। ଯେପରି ପ୍ରଜ୍ୱଳିତ ଦୀପ ହିଁ ଅନ୍ୟ ଦୀପକୁ ପ୍ରଜ୍ୱଳିତ କରିପାରେ, ସେହିପରି ପ୍ରତ୍ୟକ୍ଷ ଆତ୍ମଜ୍ଞାନୀଙ୍କଠାରୁ ଆତ୍ମଜ୍ଞାନ ପ୍ରାପ୍ତି କରି ହିଁ ନିଜର ଆତ୍ମା ଜାଗୃତ ହୋଇପାରେ ।

## English Books of Akram Vignan of Dada Bhagwan

1. Adjust Everywhere
2. Avoid Clashes
3. The Fault is of the Sufferer
4. Whatever Happened is Justice
5. Who am I ?
6. Ahimsa : Non-Violence
7. Anger
8. Aptavani - 1
9. Aptavani - 2
10. Aptavani - 4
11. Aptavani - 5
12. Aptavani - 6
13. Aptavani - 8
14. Aptavani - 9
15. Autobiography of Gnani Purush A.M.Patel
16. Brahmacharya : Celibacy Attained with Understanding
17. Death : Before, During & After...
18. Flawless Vision
19. Generation Gap
20. Harmony in Marriage
21. Life without Conflict
22. Money
23. Noble Use of Money
24. Pratikraman: The master key that resolves all conflicts
25. Pure Love
26. Right Understanding to Help Others
27. Science of Karma
28. Science of Speech
29. Shree Simandhar Swami : The Living God
30. The Essence of All Religion
31. The Guru and The Disciple
32. Trimantra: The Mantra that removes all worldly obstacles
33. Worries
34. Self realisation

## Magazines in Every Month

✤ Dadavani (Hindi, English & Gujurati) for followers

✤ Akram Express (Hindi, English & Gujurati) for Kids

✤ Akram Youth (English) for youth.

### ଓଡ଼ିଆ ପୁସ୍ତକ

ଆତ୍ମସାକ୍ଷାତ୍କାର । ଏଡ଼ଜଷ୍ଟ ଏଭ୍ରିହ୍ୱେୟାର । ମୁଁ କିଏ ?

# ନିବେଦନ

ଆତ୍ମଜ୍ଞାନୀ ଶ୍ରୀ ଅମ୍ବାଲାଲ୍ ମୂଳଜୀଭାଇ ପଟେଲ, ଯାହାଙ୍କୁ ଲୋକେ 'ଦାଦା ଭଗବାନ' ନାମରେ ମଧ୍ୟ ଜାଣନ୍ତି, ତା'ଙ୍କ ଶ୍ରୀମୁଖରୁ ଆତ୍ମତତ୍ତ୍ୱ ସମ୍ବନ୍ଧରେ ଯେଉଁ ବାଣୀ ବାହାରି ଥିଲା, ତାହାକୁ ରେକର୍ଡ କରି ସଂକଳନ ତଥା ସଂପାଦନ କରି ଗ୍ରନ୍ଥମାନଙ୍କରେ ପ୍ରକାଶିତ କରାଯାଇଛି। 'ମୁଁ କିଏ?' ପୁସ୍ତକରେ ଆତ୍ମା, ଆତ୍ମଜ୍ଞାନ ତଥା ଜଗତକର୍ତ୍ତା ବିଷୟରେ ସମସ୍ତ ମୂଳ କଥା ସଂକ୍ଷିପ୍ତ ରୂପରେ ସଂକଳିତ କରାଯାଇଛି। ଜିଜ୍ଞାସୁ ପାଠକଙ୍କୁ ଅଧ୍ୟୟନ କରିବା ସମୟରେ ହିଁ ଆତ୍ମସାକ୍ଷାତ୍କାରର ଭୂମିକା ନିଶ୍ଚିତ ହୋଇଯାଏ, ଏହା ଅନେକଙ୍କର ଅନୁଭବ ଅଟେ।

'ଅମ୍ବାଲାଲ୍ ଭାଇ'ଙ୍କୁ ସମସ୍ତେ 'ଦାଦାଜୀ' କହୁଥିଲେ। 'ଦାଦାଜୀ' ଅର୍ଥାତ୍ ପିତାମହ ଏବଂ 'ଦାଦା ଭଗବାନ' ତ ସେ ଭିତରବାଲା ପରମାତ୍ମାଙ୍କୁ କହୁଥିଲେ। ଶରୀର ଭଗବାନ ହୋଇପାରିବ ନାହିଁ, ତାହା ତ' ବିନାଶୀ ଅଟେ। ଭଗବାନ ତ' ଅବିନାଶୀ ଅଟନ୍ତି ଏବଂ ତା'ଙ୍କୁ ସେ 'ଦାଦା ଭଗବାନ' କହୁଥିଲେ, ଯିଏ ସମସ୍ତ ଜୀବମାନଙ୍କ ଭିତରେ ଅଛନ୍ତି।

ପ୍ରସ୍ତୁତ ଅନୁବାଦରେ ଏହା ବିଶେଷ ଧ୍ୟାନ ରଖାଯାଇଛି ଯେ, ପାଠକଙ୍କୁ ଦାଦାଜୀଙ୍କ ବାଣୀ ଶୁଣାଯିବାପରି ଅନୁଭବ ହେଉ। ତାଙ୍କର ହିନ୍ଦିଭାଷା ବିଷୟରେ ସେ କହୁଥିଲେ ଯେ "ମୋର ହିନ୍ଦୀ ଅର୍ଥାତ୍ ଗୁଜରାଟୀ, ହିନ୍ଦୀ ଏବଂ ଇଂରାଜୀର ମିକ୍ସଚ୍‌ର (ମିଶ୍ରଣ) ଅଟେ, ମାତ୍ର ଯେତେବେଳେ 'ଟି'(ଚା) ତିଆରି ହେବ, ସେତେବେଳେ ଭଲ ଲାଗିବ।"

ଜ୍ଞାନୀଙ୍କ ବାଣୀକୁ ଓଡିଆ ଭାଷାରେ ହିନ୍ଦୀ 'ମୈଁ କୌନ ହୁଁ' ପୁସ୍ତକରୁ ଯଥାର୍ଥ ରୂପରେ ଅନୁବାଦ କରିବାର ପ୍ରୟତ୍ନ କରାଯାଇଛି ମାତ୍ର ଦାଦାଶ୍ରୀଙ୍କ ଆତ୍ମଜ୍ଞାନର ସଠିକ୍ ମର୍ମ, ଯେପରି କହିଛନ୍ତି ସେପରି, ଆପଣଙ୍କୁ ଗୁଜରାଟୀ ଭାଷାରେ ହିଁ ଅବଗତ ହେବ। ଯେଉଁମାନଙ୍କୁ ଜ୍ଞାନର ଗଭୀରତାକୁ ଯିବାର ଅଛି, ଜ୍ଞାନର ପ୍ରକୃତ ମର୍ମ ବୁଝିବାର ଅଛି, ସେମାନେ ଏଥିପାଇଁ ଗୁଜୁରାଟୀ ଭାଷା ଶିଖନ୍ତୁ,ଏହା ଆମର ନମ୍ର ବିନତୀ।

ଅନୁବାଦ ଜନିତ ତ୍ରୁଟି ପାଇଁ ଆପଣଙ୍କ ପାଖରେ କ୍ଷମାପ୍ରାର୍ଥୀ ଅଟୁ।

❖ ❖ ❖

# ସମ୍ପାଦକୀୟ

ଜୀବନରେ ଯାହା କିଛି ବି ସାମ୍‌ନାରେ ଆସିଛି, ତାହାର ପୂର୍ଣ୍ଣ ରୂପରେ ରିୟଲାଇଜେସନ୍ (ଅନୁଭବ) ନ କରି ମନୁଷ୍ୟ ତାହାକୁ ଆପଣାଏ ନାହିଁ। ସବୁ ରିୟଲାଇଜେସନ୍ କଲ, ମାତ୍ର 'ସେଲ୍‌ଫ' (ନିଜ)ର ହିଁ ରିୟଲାଇଜେସନ୍ କରି ନାହଁ। ଅନନ୍ତ ଜନ୍ମରୁ 'ମୁଁ କିଏ' ତାହାର ପରିଚୟ ଅଟକି ରହିଛି, ଏଥିପାଇଁ ତ' ଏହି ଭଟକିବାର ଅନ୍ତ ହେଉ ନାହିଁ! ତାହାର ପରିଚୟ କିପରି ହେବ ?

ଯାହାକୁ ନିଜର ପରିଚୟ ହୋଇସାରିଛି, ସେହି ବ୍ୟକ୍ତି ଅନ୍ୟ ବ୍ୟକ୍ତିମାନଙ୍କୁ ସହଜରେ ପରିଚୟ କରାଇପାରିବ। ଏପରି ବିଭୁତି ଅର୍ଥାତ୍ ସ୍ୱୟଂ 'ଜ୍ଞାନୀ' ହିଁ! ଜ୍ଞାନୀପୁରୁଷ, ଅର୍ଥାତ୍ ଯାହାଙ୍କୁ ଏହି ସଂସାରରେ କିଛି ବି ଜାଣିବା ପାଇଁ, କିମ୍ୱା କିଛି ମଧ୍ୟ କରିବା ପାଇଁ ବାକି ନାହିଁ, ସେ! ଏପରି ଜ୍ଞାନୀପୁରୁଷ ପରମ ପୂଜ୍ୟ ଦାଦାଶ୍ରୀ, ଏହି କାଳରେ ଆମ ମଧ୍ୟକୁ ଆସି, ଆମରି ଭାଷାରେ, ଆମେ ବୁଝି ପାରିବା ଭଳି ଏପରି ସରଳ ଭାଷାରେ, ସମସ୍ତଙ୍କର ମୂଳ ପ୍ରଶ୍ନ 'ମୁଁ କିଏ' ର ସମାଧାନ ସହଜତାର ସହ କହିଥା'ନ୍ତି ।

କେବଳ ଏତିକ ନୁହେଁ, ଏହି ସଂସାର କ'ଣ ଅଟେ ? କିପରି ଚାଲୁ ଅଛି ? କର୍ତ୍ତା କିଏ ? ଭଗବାନ କ'ଣ ? ମୋକ୍ଷ କ'ଣ ? ଜ୍ଞାନୀପୁରୁଷ କାହାକୁ କୁହନ୍ତି ? ସୀମନ୍ଧର ସ୍ୱାମୀ କିଏ ? ସନ୍ଥ, ଗୁରୁ ଏବଂ ଜ୍ଞାନୀପୁରୁଷ ମଧ୍ୟରେ ପାର୍ଥକ୍ୟ କ'ଣ ? ଜ୍ଞାନୀଙ୍କୁ କିପରି ଚିହ୍ନିବା ? ଜ୍ଞାନୀ କ'ଣ କରି ପାରନ୍ତି ? ପରମ ପୂଜ୍ୟ ଦାଦାଶ୍ରୀଙ୍କର ଅକ୍ରମମାର୍ଗ କ'ଣ ? କ୍ରମିକ ରୂପରେ ତ' ମୋକ୍ଷ ମାର୍ଗରେ ଅନନ୍ତ ଜନ୍ମରୁ ଚଢ଼ି ଆସୁଛୁ, କିନ୍ତୁ 'ଲିଫ୍ଟ' (ଏଲିଭେଟର୍) ପରି ମଧ୍ୟ ମୋକ୍ଷ ମାର୍ଗ ଥାଇ ପାରେ ନା ? ଅକ୍ରମ ମାର୍ଗ ଦ୍ୱାରା, ଏହି ଯୁଗରେ, ସଂସାରରେ ରହି ମଧ୍ୟ ମୋକ୍ଷ ଅଛି ଏବଂ ମୋକ୍ଷ କିପରି ପ୍ରାପ୍ତ କରି ହେବ ଏହାର ସମ୍ପୂର୍ଣ୍ଣ ବୋଧ ଏବଂ ସଠିକ୍ ଦିଗର ପ୍ରାପ୍ତି ପରମ ପୂଜ୍ୟ ଦାଦାଶ୍ରୀ କରାଇଛନ୍ତି।

'ମୁଁ କିଏ'ର ପରିଚୟ ପରେ କିପରି ଅନୁଭୂତି ରହେ, ସଂସାର ବ୍ୟବହାର ନିର୍ବାହ କରି ମଧ୍ୟ ସଂପୂର୍ଣ୍ଣ ନିର୍ଲେପ ଆତ୍ମସ୍ଥିତିର ଅନୁଭୂତିରେ ରହି ହେବ। ଆଧି, ବ୍ୟାଧି ଏବଂ ଉପାଧିରେ ମଧ୍ୟ ନିରନ୍ତର ସ୍ୱସମାଧିରେ ରହି ହେବ, ଏହା ଅକ୍ରମ ବିଜ୍ଞାନ ପ୍ରାପ୍ତି ପରେ ହଜାର ହଜାର ମହାତ୍ମାଙ୍କର ଅନୁଭବ ଅଟେ ! ଏହି ସବୁର ପ୍ରାପ୍ତି ପାଇଁ ପ୍ରସ୍ତୁତ ସଂକଳନ ମୋକ୍ଷାର୍ଥିମାନଙ୍କ ପାଇଁ ମୋକ୍ଷ ମାର୍ଗରେ ପ୍ରକାଶ ସ୍ତମ୍ଭ ହୋଇ ଦିଗ ଦର୍ଶନ କରୁ, ଏହା ହିଁ ଅଭ୍ୟର୍ଥନା।

–ଡା. ନୀରୁବହନ ଅମୀନଙ୍କର ଜୟ ସଚ୍ଚିଦାନନ୍ଦ

# ମୁଁ କିଏ ?

## (୧) ମୁଁ କିଏ ?

### ଭିନ୍ନ ଅଟେ ନାମ ଏବଂ 'ନିଜେ'

**ଦାଦାଶ୍ରୀ :** ଆପଣଙ୍କ ନାମ କ'ଣ ?

**ପ୍ରଶ୍ନକର୍ତ୍ତା :** ମୋର ନାମ ଚନ୍ଦୁଲାଲ ଅଟେ ।

**ଦାଦାଶ୍ରୀ :** କ'ଣ ସତରେ ଆପଣ ଚନ୍ଦୁଲାଲ ଅଟନ୍ତି ?

**ପ୍ରଶ୍ନକର୍ତ୍ତା :** ହଁ ଆଜ୍ଞା ।

**ଦାଦାଶ୍ରୀ :** ଚନ୍ଦୁଲାଲ ତ' ଆପଣଙ୍କ ନାମ ଅଟେ । ଚନ୍ଦୁଲାଲ ଆପଣଙ୍କ ନାମ ନୁହେଁ କି ? ଆପଣ 'ନିଜେ' ଚନ୍ଦୁଲାଲ ଅଟନ୍ତି ନା ଆପଣଙ୍କ ନାମ ଚନ୍ଦୁଲାଲ ଅଟେ ?

**ପ୍ରଶ୍ନକର୍ତ୍ତା :** ତାହା ତ' ନାମ ଅଟେ ।

**ଦାଦାଶ୍ରୀ :** ହଁ, ତେବେ ପୁଣି 'ଆପଣ' କିଏ ? ଯଦି 'ଚନ୍ଦୁଲାଲ' ଆପଣଙ୍କ ନାମ ଅଟେ ତେବେ 'ଆପଣ' କିଏ ? ଆପଣଙ୍କର 'ନାମ'ଏବଂ 'ଆପଣ' କ'ଣ ଅଲଗା ନୁହେଁ ? 'ଆପଣ' ଯଦି ନାମଠାରୁ ଅଲଗା ତାହାହେଲେ 'ଆପଣ' (ନିଜେ) କିଏ ? ଏହି କଥା ଆପଣ ବୁଝି ପାରୁଛନ୍ତି ନା, ମୁଁ କ'ଣ କହିବାକୁ ଚାହୁଁଛି ? 'ଏହା ମୋର ଚଷମା' କହିବା ମାତ୍ରେ ଚଷମା ଏବଂ ମୁଁ ଅଲଗା ହେଉଅଛି ନା ? ସେହିପରି ହିଁ ଆପଣ (ନିଜେ) ନାମ ଠାରୁ ଅଲଗା ଅଟନ୍ତି, ଏପରି ଏବେ ଲାଗୁନାହିଁ କି ?

ଉଦାହରଣ ସ୍ୱରୂପ ଦୋକାନର ନାମ 'ଜେନେରାଲ୍ ଟ୍ରେଡର୍ସ', ଏହା କିଛି ଭୂଲ୍ ନୁହେଁ । କିନ୍ତୁ ଆମେ ଯଦି ତାହାର ମାଲିକକୁ କହିବା ଯେ 'ହେ ! ଜେନେରାଲ୍ ଟ୍ରେଡର୍ସ, ଏଠାକୁ ଆସ ।' ତେବେ ମାଲିକ କ'ଣ କହିବେ ଯେ 'ମୋର ନାମ ତ' ଜୟନ୍ତୀଲାଲ ଅଟେ ଏବଂ ଜେନେରାଲ ଟ୍ରେଡର୍ସ ତ ମୋର ଦୋକାନର ନାମ ଅଟେ ।'

ଅର୍ଥାତ୍ ଦୋକାନର ନାମ ଅଲଗା ଏବଂ ମାଲିକ ତା' ଠାରୁ ଅଲଗା, ମାଲ (ଜିନିଷ, ଦ୍ରବ୍ୟ) ଅଲଗା, ସବୁ ଅଲଗା ଅଲଗା ନା' ? ଆପଣଙ୍କୁ କ'ଣ ଲାଗୁଛି ?

**ପ୍ରଶ୍ନକର୍ତ୍ତା :** ସତ କଥା ।

**ଦାଦାଶ୍ରୀ :** କିନ୍ତୁ ଏଠି ତ', 'ମୁଁ ହିଁ ଚନ୍ଦୁଲାଲ ଅଟେ' ଏପରି କହିବେ । ଅର୍ଥାତ୍ ଦୋକାନର ବୋର୍ଡ଼ ମଧ୍ୟ ମୁଁ, ଏବଂ ମାଲିକ ମଧ୍ୟ ମୁଁ ! ଆପଣ ଚନ୍ଦୁଲାଲ ଅଟନ୍ତି, ତାହା ତ' ଆପଣଙ୍କୁ ଚିହ୍ନିବାର ସାଧନ ଅଟେ ।

## ପ୍ରଭାବ ପଡୁଛି, ତେବେ ଆତ୍ମସ୍ୱରୂପ ନୁହେଁ

ହଁ, ଆପଣ ଚନ୍ଦୁଲାଲ ବିଲ୍‌କୁଲ୍ ନୁହେଁ, ଏପରି ମଧ୍ୟ ନୁହେଁ । ଆପଣ ଚନ୍ଦୁଲାଲ ଅଟନ୍ତି, ମାତ୍ର 'ବାୟ ରିଲେଟିଭ୍ ଭ୍ୟୁ ପଏଣ୍ଟ' (ବ୍ୟବହାରିକ ଦୃଷ୍ଟି)ରୁ ୟୁ ଆର୍ ଚନ୍ଦୁଲାଲ, ଇଜ୍ କରେକ୍ଟ ।

**ପ୍ରଶ୍ନକର୍ତ୍ତା :** ମୁଁ ତ' ଆତ୍ମା ଅଟେ, କିନ୍ତୁ ନାମଟି ଚନ୍ଦୁଲାଲ ।

**ଦାଦାଶ୍ରୀ :** ହଁ, କିନ୍ତୁ ଏବେ ଯଦି କିଏ 'ଚନ୍ଦୁଲାଲ'କୁ ଗାଳି ଦିଅନ୍ତି ତେବେ ଆପଣଙ୍କ ଉପରେ ପ୍ରଭାବ ପଡିବ କି ନାହିଁ ?

**ପ୍ରଶ୍ନକର୍ତ୍ତା** : ପ୍ରଭାବ ତ ହେବ ହିଁ ।

**ଦାଦାଶ୍ରୀ** : ତେବେ ତ ଆପଣ 'ଚନ୍ଦୁଲାଲ' ଅଟନ୍ତି, 'ଆତ୍ମା' ନୁହଁନ୍ତି । ଆତ୍ମା ଯଦି ହୋଇଥାନ୍ତେ ତେବେ ପ୍ରଭାବ ପଡିନଥାନ୍ତା, କିନ୍ତୁ ପ୍ରଭାବ ପଡୁଛି, ତେଣୁ ଆପଣ ଚନ୍ଦୁଲାଲ ହିଁ ଅଟନ୍ତି ।

ଚନ୍ଦୁଲାଲ ନାମରେ ଯଦି କିଏ ଗାଳି ଦିଏ ତେବେ ଆପଣ ତା'କୁ ଧରିନିଅନ୍ତି । ଚନ୍ଦୁଲାଲ ନାମରେ ଯଦି କିଏ ଓଲଟା-ସିଧା କୁହେ ତେବେ ଆପଣ କାନ୍ଥରେ କାନ ଲଗାଇ ଶୁଣନ୍ତି । ମୁଁ କୁହେ ଯେ 'ଭାଇ, କାନ୍ଥ ଆପଣଙ୍କୁ କ'ଣ କହୁଛି ?' ସେତେବେଳେ କହିବେ 'ନାହିଁ, କାନ୍ଥ ନୁହେଁ, ଭିତରେ ମୋର କଥା ଚାଲିଛି । ତାହା ମୁଁ ଶୁଣୁଛି ।' କାହା କଥା ଚାଲିଛି ? ତେବେ କହିବେ 'ଚନ୍ଦୁଲାଲର ।' ଆରେ, କିନ୍ତୁ ଆପଣ ଚନ୍ଦୁଲାଲ ନୁହନ୍ତି । ଯଦି ଆପଣ ଆତ୍ମା ହୋଇଥାନ୍ତେ ତେବେ ଚନ୍ଦୁଲାଲର କଥା ନିଜ ଉପରେ ନେଇ ନଥାନ୍ତେ ।

**ପ୍ରଶ୍ନକର୍ତ୍ତା :** ବାସ୍ତବରେ 'ମୁଁ ଆତ୍ମା ହିଁ ଅଟେ' ନା ?

**ଦାଦାଶ୍ରୀ :** ଏବେ ଆପଣ ଆତ୍ମା ହୋଇ ନାହାନ୍ତି ନା ? ଚନ୍ଦୁଲାଲ ହିଁ ଅଟନ୍ତି ନା ? 'ମୁଁ ଚନ୍ଦୁଲାଲ' ଏହା ଆରୋପିତ ଭାବ ଅଟେ । ଆପଣଙ୍କୁ 'ମୁଁ ଚନ୍ଦୁଲାଲ ହିଁ ଅଟେ' ଏହି ବିଲିଫ୍ (ମାନ୍ୟତା) ଘର କରିସାରିଲାଣି, ଏହା ରଙ୍ଗ୍ ବିଲିଫ୍ ଅଟେ ।

# (୨) ବିଲିଫ୍ - ରଙ୍ଗ୍, ରାଇଟ

## କେତେ ଗୁଡିଏ ରଙ୍ଗ୍ ବିଲିଫ୍

'ମୁଁ ଚନ୍ଦୁଲାଲ ଅଟେ' ଏହି ମାନ୍ୟତା, ଏହି ବିଲିଫ୍ ତ' ଆପଣଙ୍କୁ ରାତିରେ ନିଦରେ ମଧ୍ୟ ଯାଉ ନାହିଁ ନା ! ପୁଣି ଲୋକେ ଆମର ବାହାଘର କରାଇ ଆମକୁ କୁହନ୍ତି ଯେ, 'ତୁ ତ ଏହି ସ୍ତ୍ରୀର ସ୍ୱାମୀ ଅଟୁ ।' ଏଥିପାଇଁ ଆମେ ପୁଣି ସ୍ୱାମିତ୍ୱ ମାନିନେଲୁ । ତାହା ପରେ 'ମୁଁ ତାହାର ସ୍ୱାମୀ ଅଟେ, ସ୍ୱାମୀ ଅଟେ' ଏପରି କରିଥାଅ । କେହି କ'ଣ ସବୁଦିନ ପାଇଁ ସ୍ୱାମୀ ହୋଇ ରହିପାରେ ? ଡ଼ାଇବୋର୍ସ (ଛାଡ଼ପତ୍ର) ହେବା ପରଦିନ ତାହାର ସ୍ୱାମୀ ହୋଇ ରହିବ କି ? ଅର୍ଥାତ୍ ଏହିସବୁ ରଙ୍ଗ୍ ବିଲିଫ୍ ଘର କରି ବସିଯାଇଛି ।

'ମୁଁ ଚନ୍ଦୁଲାଲ ଅଟେ' ଏହା ରଙ୍ଗ୍ ବିଲିଫ୍ ଅଟେ । ତାହା ପରେ 'ଏହି ସ୍ତ୍ରୀର ସ୍ୱାମୀ ଅଟେ' ଏହା ଦ୍ୱିତୀୟ ରଙ୍ଗ୍ ବିଲିଫ୍ । 'ମୁଁ ବୈଷ୍ଣବ ଅଟେ' ଏହା ତୃତୀୟ ରଙ୍ଗ୍ ବିଲିଫ୍ । 'ମୁଁ ଓକିଲ ଅଟେ' ଏହା ଚତୁର୍ଥ ରଙ୍ଗ୍ ବିଲିଫ୍ । 'ମୁଁ ଏହି ପିଲାଟିର ଫାଦର (ପିତା) ଅଟେ' ଏହା ପଞ୍ଚମ ରଙ୍ଗ୍ ବିଲିଫ୍ । 'ତାହାର ମାମୁଁ ଅଟେ' ଏହା ଷଷ୍ଠ ରଙ୍ଗ୍ ବିଲିଫ୍ । 'ମୁଁ ଗୋରା ଅଟେ' ଏହା ସପ୍ତମ ରଙ୍ଗ୍ ବିଲିଫ୍ । 'ମୁଁ ପଇଁଚାଳିଶୀ ବର୍ଷର ଅଟେ' ଏହା ଅଷ୍ଟମ ରଙ୍ଗ୍ ବିଲିଫ୍ । 'ମୁଁ ଏହାର ଭାଗିଦାର ଅଟେ' ଏହା ମଧ୍ୟ ରଙ୍ଗ୍ ବିଲିଫ୍ । 'ମୁଁ ଇନ୍‌କମ୍‌ଟେକ୍ସ ପେୟର ଅଟେ' ଯଦି ଏପରି ଆପଣ କୁହନ୍ତି ତେବେ ଏହା ମଧ୍ୟ ରଙ୍ଗ୍ ବିଲିଫ୍ ଅଟେ । ଏହିପରି କେତେଗୁଡ଼ିଏ ରଙ୍ଗ୍ ବିଲିଫ୍ ଘର କରି ବସିଯାଇଥିବ ?

## 'ମୁଁ' ର ସ୍ଥାନ ପରିବର୍ତ୍ତନ

'ମୁଁ ଚନ୍ଦୁଲାଲ ଅଟେ' ଏହା ଅହଂକାର ଅଟେ । କାରଣ ଯେଉଁଠାରେ 'ମୁଁ' ନାହିଁ, ସେଠାରେ 'ମୁଁ'ବୋଲି ଆରୋପଣ କରିବା ହିଁ ଅହଂକାର ଅଟେ ।

**ପ୍ରଶ୍ନକର୍ତ୍ତା :** ' ମୁଁ ଚନ୍ଦୁଲାଲ ଅଟେ' କହିଲେ, ଏଥିରେ ଅହଂକାର କେଉଁଠୁ ଆସିଲା ? 'ମୁଁ ଏମିତି ଅଟେ, ମୁଁ ସେମିତି ଅଟେ' ଏପରି  କହିଲେ ତାହା ଅଲଗା କଥା, କିନ୍ତୁ ସହଜରୂପରେ ଯଦି କୁହାଯାଏ, ଏଥିରେ ଅହଂକାର କେଉଁଠୁ ଆସିଲା ?

**ଦାଦାଶ୍ରୀ :** ସହଜ ଭାବରେ କହିଲେ ମଧ୍ୟ କ'ଣ ଅହଂକାର ଚାଲିଯିବ ? 'ମୋର ନାମ ଚନ୍ଦୁଲାଲ ଅଟେ' ଏପରି  ସହଜ ରୂପରେ କହିବା ମଧ୍ୟ ଅହଂକାର ହିଁ ଅଟେ । କାରଣ ଆପଣ 'ଯାହା ଅଟନ୍ତି' ତାହା ଜାଣନ୍ତି ନାହିଁ ଏବଂ 'ଯାହା ନୁହଁନ୍ତି' ତାହାର ଆରୋପଣ କରୁଛନ୍ତି, ଏହା ସବୁ ଅହଂକାର ହିଁ ଅଟେ ନା !

'ଆପଣ ଚନ୍ଦୁଲାଲ ଅଟନ୍ତି' ଏହା ଡ୍ରାମାଟିକ୍ ବସ୍ତୁ ଅଟେ । ଅର୍ଥାତ୍ 'ମୁଁ ଚନ୍ଦୁଲାଲ ଅଟେ' ଏପରି  କହିବାରେ କିଛି ଭୂଲ୍ ନାହିଁ କିନ୍ତୁ 'ମୁଁ ଚନ୍ଦୁଲାଲ ଅଟେ' ଏପରି ବିଲିଫ୍ ନ ରହିବା ଉଚିତ୍ ।

**ପ୍ରଶ୍ନକର୍ତ୍ତା :** ହଁ, ନଚେତ୍ 'ମୁଁ' ପଦ ଆସିଯିବ ।

**ଦାଦାଶ୍ରୀ :** 'ମୁଁ' 'ମୁଁ' ସ୍ଥାନରେ ବସିଲେ ତାହା ଅହଂକାର ନୁହେଁ । 'ମୁଁ' ମୂଳ ସ୍ଥାନରେ ନାହିଁ, ଆରୋପିତ ସ୍ଥାନରେ ଅଛି । ତେଣୁ ଅହଂକାର ଅଟେ । ଯଦି ଆରୋପିତ ସ୍ଥାନରୁ 'ମୁଁ' ଉଠିଯାଇ, ମୂଳ ସ୍ଥାନରେ ବସିଯାଏ, ତେବେ ଅହଂକାର ଚାଲିଯିବ । ଅର୍ଥାତ୍ 'ମୁଁ'କୁ ବାହାର କରିବାର ନାହିଁ, 'ମୁଁ'କୁ ତାହାର ଏକଜାକ୍ଟ ପ୍ଲେସ୍ (ଯଥାର୍ଥ ସ୍ଥାନ)ରେ ରଖିବାର ଅଛି ।

## 'ନିଜେ' ନିଜ ଠାରୁ ଅଜଣା ?

ଏହା ତ ଅନନ୍ତ ଜନ୍ମରୁ, ନିଜେ, 'ନିଜ'ଠାରୁ ଗୁପ୍ତ (ଅଜଣା) ରହିବାର ଚେଷ୍ଟା ଅଟେ । ନିଜେ, 'ନିଜ' ଠାରୁ ଗୁପ୍ତ ରହେ ଏବଂ ଅନ୍ୟ ସବୁକିଛି ଜାଣେ, ତେବେ ଏହା ଆଶ୍ଚର୍ଯ୍ୟ ହିଁ ଅଟେ ନା ! ନିଜେ, ନିଜ ଠାରୁ କେତେ ସମୟ ପର୍ଯ୍ୟନ୍ତ ଅଜଣା ରହିବେ ? କେବେ ପର୍ଯ୍ୟନ୍ତ ରହିବେ ? 'ନିଜେ କିଏ' ଏହା ଜାଣିବା ପାଇଁ ହିଁ

ଏହି ଜନ୍ମ ଅଟେ । 'ନିଜେ କିଏ' ତାହା ଖୋଜିବା ପାଇଁ ହିଁ ମନୁଷ୍ୟ ଜନ୍ମ ହୋଇଛି । ନହେଲେ, ସେ ପର୍ଯ୍ୟନ୍ତ ଭଟକୁଥିବେ (ଘୁରି ବୁଲୁଥିବେ) । 'ମୁଁ କିଏ' ତାହା ଜାଣିବାକୁ ପଡିବ ନା ? ଆପଣ 'ସ୍ୱୟଂ କିଏ' ଏହା ଜାଣିବାକୁ ପଡ଼ିବ ନା ନାହିଁ ?

## (୩) 'I' ଏବଂ 'My'କୁ ଅଲଗା କରିବାର ପ୍ରୟୋଗ

### ସେପାରେଟ, 'I' ଆଣ୍ଡ 'My'(ଅଲଗା କରନ୍ତୁ 'ମୁଁ' ଏବଂ 'ମୋର')

ଆପଣଙ୍କୁ ଯଦି କୁହାଯାଏ, Separate 'I' and 'My' with Separator, ତେବେ ଆପଣ **'I'** ଏବଂ **'My'** କୁ ସେପାରେଟ୍ କରିପାରିବେ କି ? 'I' ଆଣ୍ଡ୍ 'My'କୁ ସେପାରେଟ୍ କରିବା ଦରକାର କି ନୁହେଁ ? ଜଗତରେ କେବେ ନା କେବେ ତ' ଜାଣିବାକୁ ପଡିବ ନା ! ସେପାରେଟ୍ 'I' ଏବଂ 'My' । ଯେପରି କ୍ଷୀର ପାଇଁ separator ଅଛି ନା, ସେଥିରୁ ଲହୁଣି ସେପାରେଟ୍ କରାଯାଏ ନା ? ଏହିପରି ହିଁ ଏହାକୁ ଅଲଗା କରିବାକୁ ହେବ ।

ଆପଣଙ୍କ ପାଖରେ 'My' ଭଳି କିଛି ବସ୍ତୁ ଅଛି କି ? 'I' କେବଳ ଅଛି ନା ତାହା ସହିତ 'My' ମଧ୍ୟ ଅଛି ?

**ପ୍ରଶ୍ନକର୍ତ୍ତା :** 'My' ସାଥିରେ ରହିବ ନା !

**ଦାଦାଶ୍ରୀ :** କ'ଣ କ'ଣ 'My' ଆପଣଙ୍କର ପାଖରେ ଅଛି ?

**ପ୍ରଶ୍ନକର୍ତ୍ତା :** ମୋର ଘର ଏବଂ ଘରର ସମସ୍ତ ବସ୍ତୁ ।

**ଦାଦାଶ୍ରୀ :** ସବୁ ଆପଣଙ୍କର କୁହାଯିବ ? ଆଉ ୱାଇଫ୍ (ସ୍ତ୍ରୀ) କାହାର କୁହାଯିବ ?

**ପ୍ରଶ୍ନକର୍ତ୍ତା :** ସେ ମଧ୍ୟ ମୋର ।

**ଦାଦାଶ୍ରୀ :** ଏବଂ ପିଲାମାନେ କାହାର ?

**ପ୍ରଶ୍ନକର୍ତ୍ତା :** ସେମାନେ ମଧ୍ୟ ମୋର ।

**ଦାଦାଶ୍ରୀ :** ଆଉ ଏହି ଘଣ୍ଟା କାହାର ?

**ପ୍ରଶ୍ନକର୍ତ୍ତା :** ଏହା ମଧ୍ୟ ମୋର ।

**ଦାଦାଶ୍ରୀ :** ଆଉ ଏହି ହାତ କାହାର ?

**ପ୍ରଶ୍ନକର୍ତ୍ତା :** ହାତ ମଧ୍ୟ ମୋର ।

**ଦାଦାଶ୍ରୀ :** ପୁଣି 'ମୋର ମୁଣ୍ଡ, ମୋର ଶରୀର, ମୋର ପାଦ, ମୋର କାନ, ମୋର ଆଖି'ଏହିପରି କହିବେ । ଏହି ଶରୀରର ସମସ୍ତ ବସ୍ତୁକୁ 'ମୋର' କହୁଛନ୍ତି, ତେବେ 'ମୋର' କହିବାବାଲା 'ଆପଣ' କିଏ ? ଏହା ଚିନ୍ତା କରି ନାହାନ୍ତି ? ''My' ନେମ୍ ଇଜ୍ ଚନ୍ଦୁଲାଲ' କହିବା ଏବଂ ପୁଣି 'ମୁଁ ଚନ୍ଦୁଲାଲ୍ ଅଟେ', କହିବା କ'ଣ ବିରୋଧାଭାଷ ଲାଗୁନାହିଁ ?

**ପ୍ରଶ୍ନକର୍ତ୍ତା :** ଲାଗୁଛି ତ'।

**ଦାଦାଶ୍ରୀ :** ଆପଣ ଚନ୍ଦୁଲାଲ୍ ଅଟନ୍ତି, କିନ୍ତୁ ଏଥିରେ 'I' ଆଣ୍ଡ 'My' ଉଭୟ ଅଛି । ଏହି 'I' ଆଣ୍ଡ 'My'ର ଦୁଇ ରେଲୱେଲାଇନ୍ ଅଲଗା ହିଁ ଅଟନ୍ତି । ପାରାଲାଲ୍ (ସମାନ୍ତର) ହିଁ ରହିଥାଏ, କେବେ ବି ଏକାକାର ହୁଏ ନାହିଁ । ତଥାପି ଆପଣ ଏକାକାର ମାନୁଛନ୍ତି, ଏହାକୁ ବୁଝି ଏଥିରୁ 'My'କୁ ସେପାରେଟ୍ କରିଦିଅନ୍ତୁ । ଆପଣଙ୍କର ଯେଉଁ 'My' ଅଛି ନା, ତା'କୁ ଗୋଟିଏ ପଟେ ରଖନ୍ତୁ । 'My' ହାର୍ଟ (ହୃଦୟ), ତେବେ ତା'କୁ ଗୋଟିଏ ପଟେ ରଖନ୍ତୁ । ଏହି ଶରୀରରୁ ଆଉ କ'ଣ କ'ଣ ସେପାରେଟ୍ କରିବାକୁ ହେବ ?

**ପ୍ରଶ୍ନକର୍ତ୍ତା :** ଗୋଡ଼, ଇନ୍ଦ୍ରୀୟଗୁଡିକୁ ।

**ଦାଦାଶ୍ରୀ :** ହଁ, ସବୁଗୁଡ଼ିକୁ । ପାଞ୍ଚ ଇନ୍ଦ୍ରୀୟ, ପାଞ୍ଚ କର୍ମେନ୍ଦ୍ରୀୟ ସବୁ । ଆଉ ପୁଣି 'ମାଇ ମାଇଣ୍ଡ୍' କୁହନ୍ତି ନା 'ଆଇ ଆମ୍ ମାଇଣ୍ଡ୍' କୁହନ୍ତି ?

**ପ୍ରଶ୍ନକର୍ତ୍ତା :** 'ମାଇ ମାଇଣ୍ଡ' କୁହନ୍ତି ।

**ଦାଦାଶ୍ରୀ :** ମୋର ବୁଦ୍ଧି କୁହନ୍ତି ନା ?

**ପ୍ରଶ୍ନକର୍ତ୍ତା :** ହଁ ।

**ଦାଦାଶ୍ରୀ :** ମୋର ଚିତ୍ କୁହନ୍ତି ନା ?

**ପ୍ରଶ୍ନକର୍ତ୍ତା :** ହଁ ।

**ଦାଦାଶ୍ରୀ :** ପୁଣି 'ମାଇ ଇଗୋଇଜିମ୍' କୁହନ୍ତି ନା 'ଆଇ ଆମ୍ ଇଗୋଇଜିମ୍' କୁହନ୍ତି ?

**ପ୍ରଶ୍ନକର୍ତ୍ତା :** 'ମାଇ ଇଗୋଇଜିମ୍' ।

**ଦାଦାଶ୍ରୀ :** 'ମାଇ ଇଗୋଇଜିମ୍' କହିବା ତେବେ ତାହାକୁ ଅଲଗା କରିପାରିବା । କିନ୍ତୁ ଏହାର ଆଗକୁ ଯାହା ଅଛି, ସେଥିରେ ଆପଣଙ୍କ ଅଂଶ କ'ଣ, ଏହା ଆପଣ ଜାଣି ନାହାନ୍ତି । ସେଥିପାଇଁ ତ' ପୂର୍ଣ୍ଣ ରୂପରେ ସେପାରେସନ୍ ହୋଇପାରେ ନାହିଁ । ଆପଣ, ଆପଣଙ୍କର କିଛି ସୀମା ପର୍ଯ୍ୟନ୍ତ ହିଁ ଜାଣିଛନ୍ତି । ଆପଣ ସ୍ଥୁଳବସ୍ତୁ ହିଁ ଜାଣିଛନ୍ତି, ସୂକ୍ଷ୍ମର ପରିଚୟ ହିଁ ନାହିଁ । ସୂକ୍ଷ୍ମକୁ ଅଲଗା କରିବା, ପୁଣି ସୂକ୍ଷ୍ମତରକୁ ଅଲଗା କରିବା, ତା'ପରେ ଯାଇ ସୂକ୍ଷ୍ମତମକୁ ଅଲଗା କରିବା ତାହା ତ' ଜ୍ଞାନୀପୁରୁଷଙ୍କର କାମ ଅଟେ ।

କିନ୍ତୁ ଗୋଟିଏ-ଗୋଟିଏ କରି ସମସ୍ତ ସ୍ପେୟାରପାର୍ଟସ୍ ଯଦି ଅଲଗା କରିଚାଲିବା ତେବେ 'I' ଏବଂ 'My' ଦୁହେଁ ଅଲଗା ହୋଇପାରିବ ନା ? 'I' ଏବଂ 'My' ଦୁହିଁଙ୍କୁ ଅଲଗା କରିବା ପରେ ଶେଷରେ କ'ଣ ବଞ୍ଚିବ ? 'My' କୁ ଗୋଟିଏ ପଟେ ରଖିବା ପରେ ଶେଷରେ କ'ଣ ବଞ୍ଚିଲା ?

**ପ୍ରଶ୍ନକର୍ତ୍ତା :** 'I' ।

**ଦାଦାଶ୍ରୀ :** ସେହି 'I' ହିଁ ହେଉଛନ୍ତି ଆପଣ । ବାସ୍, ସେହି 'I'କୁ ହିଁ ରିୟଲାଇଜ (ଅନୁଭବ) କରିବାର ଅଛି ।

**ପ୍ରଶ୍ନକର୍ତ୍ତା :** ତେବେ ସେପାରେଟ୍ କରିସାରି ଏହା ବୁଝିବାକୁ ହେବ ଯେ ଯାହା ଅବଶିଷ୍ଟାଂଶ ରହିଲା ତାହା 'ମୁଁ' ଅଟେ ?

**ଦାଦାଶ୍ରୀ :** ହଁ, ସେପାରେଟ୍ କରିବା ପରେ ଯାହା ବାକି ରହିବ, ତାହା ଆପଣ 'ନିଜେ ଅଟନ୍ତି', 'I' ଆପଣ ନିଜେ ହିଁ ଅଟନ୍ତି । ତା'ର ଠିକଣା ତ' ଜାଣିବାକୁ ହେବ ନା ? ଏହା ସହଜ ରାସ୍ତା ଅଟେ ନା ? 'I' ଏବଂ 'My' ଅଲଗା କରିବା ଯଦି ?

**ପ୍ରଶ୍ନକର୍ତ୍ତା :** ଏମିତି ତ' ରାସ୍ତା ସହଜ ଅଟେ, କିନ୍ତୁ ସେହି ସୁକ୍ଷ୍ମତର ଏବଂ ସୂକ୍ଷ୍ମତମ ମଧ୍ୟ ଅଲଗା ହେଲେ ତ ? ତାହା ଜ୍ଞାନୀଙ୍କ ବିନା ହେବନାହିଁ ନା ?

**ଦାଦାଶ୍ରୀ :** ହଁ, ତାହା ଜ୍ଞାନୀପୁରୁଷ କହିଦେବେ । ସେଥିପାଇଁ ମୁଁ କୁହେ ଯେ, Separate 'I' and 'My' with Gnani's separator. ଏହି ସେପାରେଟରକୁ ଶାସ୍ତ୍ରକାର କ'ଣ କୁହନ୍ତି ? ଭେଦଜ୍ଞାନ କୁହନ୍ତି । ବିନା ଭେଦଜ୍ଞାନ ଦ୍ୱାରା ଆପଣ କିପରି ଅଲଗା କରିବେ ? କେଉଁ କେଉଁ ବସ୍ତୁ ଆପଣଙ୍କର ଏବଂ କେଉଁ ସବୁ ଆପଣଙ୍କର ନୁହେଁ,ଏହି ଦୁଇଟିର ଭେଦଜ୍ଞାନ ଆପଣଙ୍କର ନାହିଁ। ଭେଦଜ୍ଞାନ ଅର୍ଥାତ୍ ଏହା ସବୁ 'ମୋର' ଏବଂ 'ମୁଁ' ଏହାଠାରୁ ଅଲଗା ଅଟେ। ସେଥିପାଇଁ ଜ୍ଞାନୀପୁରୁଷଙ୍କ ପାଖରେ, ତାଙ୍କର ସାନିଧ୍ୟରେ ରହିଲେ ଭେଦଜ୍ଞାନ ପ୍ରାପ୍ତି ହୋଇଯିବ, ଏବଂ ପୁଣି ଆମର ('I' ଏବଂ 'My') ସେପାରେଟ୍ ହୋଇଯିବ ।

'I' ଏବଂ 'My'କୁ ଅଲଗା କରିବା, ତେବେ ଏହା ବହୁତ ସହଜ ଅଟେ ନା ? ମୁଁ ଏହି ଉପାୟ କହିଛି, ଏହି ଅନୁସାରେ ଆଧ୍ୟାତ୍ମ ସରଳ ଅଟେ ନା କଠିନ ଅଟେ ? ନଚେତ୍ ଏହି କାଳର ଲୋକମାନଙ୍କର ଶାସ୍ତ୍ର ପଢୁ ପଢୁ ପ୍ରାଣ ଚାଲିଯିବ ।

**ପ୍ରଶ୍ନକର୍ତ୍ତା :** ଆପଣଙ୍କ ପରି ବ୍ୟକ୍ତିଙ୍କର ଆବଶ୍ୟକ ହେବ ନା, ବୁଝିବା ନିମନ୍ତେ ?

**ଦାଦାଶ୍ରୀ :** ହଁ ଆବଶ୍ୟକ ହେବ । କିନ୍ତୁ ଜ୍ଞାନୀପୁରୁଷ ତ ଅଧିକ ଥାଆନ୍ତି ନାହିଁ ନା ! ମାତ୍ର ଯେତେବେଳେ କେହି ଥିବେ, ସେହି ସମୟରେ ଆମେ ଆମର କାମ କରିନେବା ଦରକାର । ଜ୍ଞାନୀପୁରୁଷଙ୍କର 'ସେପାରେଟର' ନେଇଯାଆନ୍ତୁ ଘଣ୍ଟେ ଦୁଇ ଘଣ୍ଟା ପାଇଁ, ତାହାର ଭଡ଼ା ନ' ଥାଏ ! ତାହା ଦ୍ୱାରା ସେପାରେଟ୍ କରିନିଅନ୍ତୁ । ଏହା ଦ୍ୱାରା 'I' ଅଲଗା ହୋଇଯିବ,ନ ହେଲେ ହେବ ନାହିଁ ନା ! 'I' ଅଲଗା ହେବା ପରେ ସବୁ କାମ ହୋଇଯିବ । ସବୁ ଶାସ୍ତ୍ରର ସାର ଏତିକି ହିଁ ଅଟେ ।

ଆତ୍ମା ହେବାର ଅଛି ତେବେ 'ମୋର' (My) ସବୁକିଛି ସମର୍ପିତ କରିଦେବାକୁ ପଡିବ । ଜ୍ଞାନୀପୁରୁଷଙ୍କୁ 'My' ସମର୍ପଣ କରିଦେଲେ, ତେବେ କେବଳ 'I' ଆପଣଙ୍କ ପାଖରେ ରହିବ । 'I' with 'My' ତାହା ଜୀବାତ୍ମା । 'ମୁଁ ଅଛି ଏବଂ ଏହା ସବୁ ମୋର ଅଟେ' ଏହା ଜୀବାତ୍ମା ଦଶା ଏବଂ 'କେବଳ ମୁଁ ହିଁ ଅଛି ଏବଂ ଏହା ସବୁ ମୋର ନୁହେଁ' ଏହା ପରମାତ୍ମା ଦଶା । ଅର୍ଥାତ୍ 'My' ଯୋଗୁଁ ମୋକ୍ଷ ହେଉ ନାହିଁ । 'ମୁଁ କିଏ' ର ଜ୍ଞାନ ହେବା ପରେ 'My' ଚାଲିଯାଏ । 'My' ଚାଲିଗଲା ଅର୍ଥାତ୍ ସବୁ ଚାଲିଗଲା ।

'My' ଇଜ୍ ରିଲେଟିବ୍ ଡ଼ିପାର୍ଟମେଣ୍ଟ ଆଣ୍ଡ୍ 'I' ଇଜ୍ ରିୟଲ । ଅର୍ଥାତ୍ 'I' ଟେମ୍ପରାରୀ ନୁହେଁ, 'I' ଇଜ୍ ପରମାନେଣ୍ଟ । 'My' ଇଜ୍ ଟେମ୍ପରାରୀ । ଅର୍ଥାତ୍ ଆପଣଙ୍କୁ 'I'କୁ ଖୋଜି ବାହାର କରିବାକୁ ହେବ ।

# (୪) ସଂସାରରେ ଉପରୀ କିଏ ?

## ଜ୍ଞାନୀ ହିଁ ପରିଚୟ କରାନ୍ତି 'ମୁଁ' ର

**ପ୍ରଶ୍ନକର୍ତ୍ତା :** 'ମୁଁ କିଏ' ଏହା ଜାଣିବା ପାଇଁ ଯାହାସବୁ କଥା ଅଛି, ତାହା ଏହି ସଂସାରରେ ରହି କିପରି ସମ୍ଭବ ହୋଇପାରିବ ?

**ଦାଦାଶ୍ରୀ :** ତେବେ କେଉଁଠାରେ ରହି ତାହାକୁ ଜାଣିପାରିବା ? ସଂସାରକୁ ଛାଡ଼ି ଆଉ କିଛି ଯାଗା ଅଛି କି ଯେଉଁଠାରେ ରହିହେବ ? ଏହି ଜଗତରେ ସମସ୍ତେ ସଂସାରୀ ହିଁ ଅଟନ୍ତି ଏବଂ ସମସ୍ତେ ସଂସାରରେ ହିଁ ରୁହନ୍ତି । ଏଠାରେ 'ମୁଁ କିଏ' ଏହା ଜାଣିବା ପାଇଁ ମିଳିପାରିବ । 'ଆପଣ କିଏ' ଏହା ବୁଝିବାର ବିଜ୍ଞାନ ଏଠାରେ ଅଛି । ଏଠାକୁ ଆସିଲେ, ମୁଁ ଆପଣଙ୍କୁ ପରିଚୟ କରାଇ ଦେବି ।

ଆଉ ଏଠାରେ ମୁଁ ଆପଣଙ୍କୁ ଯାହାସବୁ ପଚାରୁଛି, ତାହା ମାନେ ମୁଁ ଆପଣଙ୍କୁ କହୁ ନାହିଁ ଯେ ଆପଣ ସେହିପରି କରନ୍ତୁ । ଆପଣଙ୍କ ଦ୍ୱାରା ହୋଇପାରିବ, ଏପରି ନୁହେଁ । ଅର୍ଥାତ୍ ମୁଁ ଆପଣଙ୍କୁ କ'ଣ କହୁଛି ଯେ ମୁଁ ଆପଣଙ୍କ ପାଇଁ ସବୁ କରିଦେବି । ଏଥିପାଇଁ ଆପଣ ଚିନ୍ତା କରନ୍ତୁ ନାହିଁ । ପ୍ରଥମେ ବୁଝିଯାଆନ୍ତୁ ଯେ ବାସ୍ତବରେ 'ଆମେ' କ'ଣ ଅଟୁ ଏବଂ କ'ଣ ଜାଣିବା ଯୋଗ୍ୟ ଅଟେ ? ସଠିକ୍ କଥା କ'ଣ ? କରେକ୍ଟନେସ୍ କ'ଣ ? ଦୁନିଆ କ'ଣ ? ଏହା ସବୁ କ'ଣ ? ପରମାତ୍ମା କ'ଣ ?

ପରମାତ୍ମା ଅଛନ୍ତି ? ପରମାତ୍ମା ଅଛନ୍ତି ହିଁ ଏବଂ ସେ ଆପଣଙ୍କ ପାଖରେ ହିଁ ଅଛନ୍ତି । ବାହାରେ କେଉଁଠି ଖୋଜୁଛନ୍ତି ? ମାତ୍ର କେହି ଯଦି ଏହି କବାଟ ଖୋଲିଦେବେ ତେବେ ଆମେ ଦର୍ଶନ କରିପାରିବା ନା ! ଏହି କବାଟ ଏପରି ବନ୍ଦ ହୋଇଯାଇଛି ଯେ କେବେ ବି ନିଜଦ୍ୱାରା ଖୋଲି ହୋଇପାରିବ ହିଁ ନାହିଁ । ଏହା ତ' ଯିଏ ପାରିହୋଇ ସାରିଛନ୍ତି, ସେହିପରି ତରଣତାରଣ ଜ୍ଞାନୀପୁରୁଷଙ୍କର କାମ ଅଟେ ।

## ନିଜର ଭୂଲ୍‌ଗୁଡ଼ିକ ହିଁ ନିଜର ଉପରୀ

ଭଗବାନ ତ' ଆପଣଙ୍କ ସ୍ୱରୂପ ଅଟେ। ଆପଣଙ୍କ ଉପରୀ ହିଁ କେହି ନାହାନ୍ତି। କେହି ବାପ ମଧ୍ୟ ଉପରୀ ନାହାନ୍ତି। ଆପଣଙ୍କର କେହି କିଛି କରିପାରିବାବାଲା ନାହାନ୍ତି। ଆପଣ ହିଁ ସ୍ୱତନ୍ତ୍ର ଅଟନ୍ତି, କେବଳ ଆପଣଙ୍କର ଭୂଲ୍ ପାଇଁ ଆପଣ ବନ୍ଧା ହୋଇଛନ୍ତି।

ଆପଣଙ୍କ ଉପରୀ କେହି ନାହାନ୍ତି ଏବଂ ଆପଣଙ୍କ ଉପରେ କୌଣସି ଜୀବର ଦଖଲ (ହସ୍ତକ୍ଷେପ) ମଧ୍ୟ ନାହିଁ। ଏତେ ସବୁ ଜୀବ ଅଛନ୍ତି, ମାତ୍ର କୌଣସି ଜୀବର ଆପଣଙ୍କ ରାସ୍ତାରେ ଦଖଲ ନାହିଁ। ଆଉ ଏହି ଲୋକମାନେ ଯେଉଁ ଦଖଲ କରୁଛନ୍ତି, ତାହା ଆପଣଙ୍କର ଭୂଲ୍ ପାଇଁ ଦଖଲ କରୁଛନ୍ତି। ଆପଣ ଯେଉଁ (ପୂର୍ବରୁ) ଦଖଲ କରିଥିଲେ, ଏହା ତାହାର ଫଳ ଅଟେ। ଏହା ମୁଁ ନିଜେ 'ଦେଖିକରି' କହୁଛି।

ମୁଁ ଏହି ଦୁଇଟି ବାକ୍ୟ ଉପରେ ଗ୍ୟାରେଣ୍ଟି ଦେଉଛି, ଏହା ଦ୍ୱାରା ମନୁଷ୍ୟ ମୁକ୍ତ ରହିପାରିବ। ମୁଁ କ'ଣ କହୁଛି ଯେ,

'ଆପଣଙ୍କ ଉପରୀ ଦୁନିଆରେ କେହି ନାହାନ୍ତି। ଆପଣଙ୍କ ଉପରୀ ଆପଣଙ୍କ ବ୍ଲଣ୍ଡର୍ସ ଏବଂ ଆପଣଙ୍କ ମିସ୍‌ଟେକ୍‌ସ ଅଟନ୍ତି। ଏହି ଦୁଇଟି ଯଦି ରହିବେ ନାହିଁ ତେବେ ଆପଣ ପରମାତ୍ମା ହିଁ ଅଟନ୍ତି।'

ଏବଂ 'ଆପଣଙ୍କ ରାସ୍ତାରେ କାହାରି ଟିକେ ମଧ୍ୟ ଦଖଲ ନାହିଁ। କୌଣସି ଜୀବ କୌଣସ ଜୀବକୁ କିଞ୍ଚିତମାତ୍ର ମଧ୍ୟ ଦଖଲ କରିପାରିବ ଏପରି ସ୍ଥିତିରେ ନାହିଁ, ଏପରି ଏହି ଜଗତ ଅଟେ।'

ଏହି ଦୁଇ ବାକ୍ୟ ସବୁ ସମାଧାନ ଆଣିଦେବ।

# (୫) ଜଗତରେ କର୍ତ୍ତା କିଏ ?

## ଜଗତ କର୍ତ୍ତାର ବାସ୍ତବିକତା

ଫ୍ୟାକ୍ଟ କଥା ନ ଜାଣିବା ଦ୍ୱାରା ହିଁ ଏହି ସବୁଜଟିଳତା ହୋଇଛି। ଏବେ ଆପଣ, 'ଯାହା ଜାଣିଛନ୍ତି' ତାହା ଜାଣିବେ,ନା 'ଯାହା ଜାଣି ନାହାନ୍ତି' ତାହା ଜାଣିବେ ?

ଜଗତ କ'ଣ ? କିପରି ତିଆରି ହେଲା ? ତିଆରି କରିବାବାଲା କିଏ ? ଆମକୁ ଏହି ଜଗତ ସହିତ କ'ଣ ନେବା-ଦେବାର ଅଛି ? ଆମ ସହିତ ଆମ ସମ୍ପର୍କିତମାନଙ୍କ କ'ଣ ନେବା–ଦେବାର ଅଛି ? ବିଜିନେସ୍ କେଉଁ ଆଧାରରେ ହେଉଛି ? ମୁଁ କର୍ତ୍ତା ଅଟେ ନା ଆଉ କିଏ କର୍ତ୍ତା ଅଟେ ? ଏହି ସବୁ ଜାଣିବା ତ' ଜରୁରୀ ନା ?

**ପ୍ରଶ୍ନକର୍ତ୍ତା :** ହଁ ଆଜ୍ଞା।

**ଦାଦାଶ୍ରୀ :** ଏଥିପାଇଁ ପ୍ରାରମ୍ଭରୁ ଆପଣଙ୍କୁ କ'ଣ ଜାଣିବା ଦରକାର, ତାହା ବିଷୟରେ ପ୍ରଥମେ ଆଲୋଚନା କରିବା। ଜଗତ କିଏ ତିଆରି କରିଥିବ, ଆପଣଙ୍କୁ କ'ଣ ଲାଗୁଛି ? କିଏ ତିଆରି କରିଥିବ ଏପରି ଜଟିଳତାର ଜଗତ ? ଆପଣଙ୍କ କ'ଣ ମତ ?

**ପ୍ରଶ୍ନକର୍ତ୍ତା :** ଈଶ୍ୱର ହିଁ ତିଆରି କରିଥିବେ।

**ଦାଦାଶ୍ରୀ :** ତେବେ ସାରା ସଂସାରକୁ ଚିନ୍ତାରେ କାହିଁକି ରଖିଲେ ? ଚିନ୍ତାରୁ ମୁକ୍ତ ଅବସ୍ଥା ହିଁ ନାହିଁ।

**ପ୍ରଶ୍ନକର୍ତ୍ତା :** ସବୁଲୋକ ଚିନ୍ତା ହିଁ କରୁଛନ୍ତି ନା' ?

**ଦାଦାଶ୍ରୀ :** ହଁ, ମାତ୍ର ସିଏ ଯଦି ଏହି ସଂସାର ତିଆରି କଲେ ତେବେ ଚିନ୍ତାବାଲା କାହିଁକି ତିଆରି କଲେ ? ତାଙ୍କୁ ଧରିଆଣ, ସିବିଆଇବାଲାଙ୍କୁ ପଠାଇ। କିନ୍ତୁ ଭଗବାନ ଦୋଷୀ ହିଁ ନୁହନ୍ତି ! ଏହାତ ଲୋକମାନେ ତା'ଙ୍କୁ ଦୋଷୀ କରି ଦେଇଛନ୍ତି।

ବାସ୍ତବରେ, ଗଡ୍ ଇଜ୍ ନଟ୍ କ୍ରିୟେଟର ଅଫ୍ ଦିସ୍ ଓ୍ୱାଲର୍ଡ ଆଟ୍ ଅଲ। ଓନ୍‌ଲୀ ସାଇଣ୍ଟିଫିକ୍ ସରକମ୍‌ଷ୍ଟେନ୍‌ସିୟାଲ ଏଭିଡେନ୍ସ ଅଟେ। ଅର୍ଥାତ୍ ଏହା ତ ସବୁ ପ୍ରକୃତିର ରଚନା ଅଟେ। ତାହାକୁ ଗୁଜୁରାଟୀରେ ମୁଁ 'ବ୍ୟବସ୍ଥିତ ଶକ୍ତି' କୁହେ। ଏହା ତ' ବହୁତ ସୂକ୍ଷ୍ମ କଥା ଅଟେ।

## ତାହାକୁ ମୋକ୍ଷ କୁହାଯାଇ ପାରିବନି

ଛୋଟ ପିଲା ମଧ୍ୟ କହିଥାଏ ଯେ, ‘ଭଗବାନ ତିଆରି କରିଛନ୍ତି’। ବଡ଼ ସନ୍ଥ ମଧ୍ୟ କୁହନ୍ତି ‘ଭଗବାନ ତିଆରି କରିଛନ୍ତି’। ଏହି କଥା ଲୌକିକ ଅଟେ, ଅଲୌକିକ (ରିୟଲ୍) ନୁହେଁ।

ଭଗବାନ ଯଦି କ୍ରିୟେଟର (କର୍ତ୍ତା) ହୋଇଥାନ୍ତେ ତେବେ ସବୁବେଳ ପାଇଁ ଆମର ଉପରୀ ରହିଥାନ୍ତେ ଏବଂ ମୋକ୍ଷ ପରି କିଛି ବସ୍ତୁ ନ ଥା’ନ୍ତା। କିନ୍ତୁ ମୋକ୍ଷ ଅଛି। ଭଗବାନ କ୍ରିୟେଟର ନୁହନ୍ତି। ମୋକ୍ଷକୁ ବୁଝିବାବାଲା ବ୍ୟକ୍ତି ଭଗବାନଙ୍କୁ କ୍ରିୟେଟର ମାନନ୍ତି ନାହିଁ। ‘ମୋକ୍ଷ’ ଏବଂ ‘ଭଗବାନ କ୍ରିୟେଟର’ ଏହି ଦୁଇଟି ବିରୋଧାଭାଷି କଥା ଅଟେ। କ୍ରିୟେଟର ତ’ ସବୁବେଳ ପାଇଁ ଉପକାରୀ ହେଲା ଏବଂ ଉପକାରୀ ହେଲା ସେଥିପାଇଁ ଶେଷ ପର୍ଯ୍ୟନ୍ତ ଉପରୀକୁ ଉପରୀ ହିଁ ରହିବ।

## ତେବେ ଭଗବାନଙ୍କୁ କିଏ ତିଆରି କଲା ?

ଭଗବାନ ସୃଷ୍ଟି କରିଛନ୍ତି ବୋଲି, ଯଦି ଏପରି ଅଲୌକିକ ଭାବେ କହିବା ତେବେ ‘ଲଜିକ୍’ ଲୋକମାନେ ଆମକୁ ପଚାରିବେ ‘ଭଗବାନଙ୍କୁ କିଏ ସୃଷ୍ଟି କଲା ?’ ସେଥିପାଇଁ ପ୍ରଶ୍ନ ସୃଷ୍ଟି ହେଉଛି। ଲୋକମାନେ ମୋତେ କୁହନ୍ତି, ଯେ ‘ଆମକୁ ଲାଗୁଛି ଭଗବାନ ହିଁ ଦୁନିଆର କର୍ତ୍ତା ଅଟନ୍ତି। ଆପଣ ତ’ ମନା କରୁଛନ୍ତି, କିନ୍ତୁ ଆପଣଙ୍କ କଥା ସ୍ୱୀକାର ହେଉନାହିଁ।’ ତେବେ ମୁଁ ପଚାରେ, ଯଦି ମୁଁ ସ୍ୱୀକାର କରେ ଯେ ଭଗବାନ କର୍ତ୍ତା ଅଟନ୍ତି, ତେବେ ସେହି ଭଗବାନଙ୍କୁ କିଏ ସୃଷ୍ଟି କଲା ? ଏହା ଆପଣ ମୋତେ କୁହନ୍ତୁ। ଆଉ ସେହି ସୃଷ୍ଟି କରିବାବାଲାକୁ କିଏ ପୁଣି ସୃଷ୍ଟି କଲା ? କେହି ମଧ୍ୟ ସୃଷ୍ଟିକର୍ତ୍ତା ହେଲେ ତା’ର ସୃଷ୍ଟିକର୍ତ୍ତା ଥିବା ଦରକାର, ଏହା ‘ଲୋଜିକ୍’ ଅଟେ। ମାତ୍ର ଏହାର ଏଣ୍ଡ୍ (ଅନ୍ତ) ହିଁ ଆସିବ ନାହିଁ, ସେଥିପାଇଁ ଏହି କଥା ଭୂଲ୍ ଅଟେ।

## ଆଦି ନାହିଁ, କି ଅନ୍ତ ନାହିଁ, ଜଗତର

ଅର୍ଥାତ୍ କେହି ତିଆରି ନ କରି ତିଆରି ହୋଇଛି,ଏହାକୁ କେହି ତିଆରି କରି ନାହାନ୍ତି। କେହି ତିଆରି କରି ନାହାନ୍ତି, ସେଥିପାଇଁ ଏବେ କାହାକୁ ପଚାରିବି

ଏହି ବିଷୟରେ ? ମୁଁ ମଧ୍ୟ ଖୋଜୁଥିଲି ଯେ କିଏ ଏହାର ଦାୟୀ ଅଟେ, ଯିଏ ଏହି ସବୁ ଝାମେଲା ରଚିଛି ! ମୁଁ ସବୁ ସ୍ଥାନରେ ଖୋଜିଲି,କିନ୍ତୁ କେଉଁଠାରେ ମିଳିଲା ନାହିଁ।

ମୁଁ 'ଫରେନ୍'ର ସାଇନଟିଷ୍ଟମାନଙ୍କୁ କହିଲି ଯେ, 'ଗଡ୍ କ୍ରିୟେଟର ଅଟେ, ଏହାକୁ ପ୍ରମାଣିତ କରିବା ପାଇଁ ଆପଣ ମୋ ସହିତ କିଛି ସମୟ ଆଲୋଚନା କରନ୍ତୁ। ଯଦି ସିଏ କ୍ରିୟେଟର ଅଟନ୍ତି ତେବେ ମୋତେ କୁହନ୍ତୁ ସେ କେଉଁ ମସିହାରେ ତିଆରି କରିଥିଲେ। ତେବେ ସେମାନେ କୁହନ୍ତି, 'ମସିହା ଆମକୁ ଜଣାନାହିଁ।' ମୁଁ ପଚାରିଲି, 'କିନ୍ତୁ ତାହାର ବିଗିନିଙ୍ଗ୍ ହୋଇଥିଲା ନା' ନାହିଁ ?' ତେବେ ସେମାନେ କହିଲେ 'ହଁ ବିଗିନିଙ୍ଗ୍ ହୋଇଛି। କ୍ରିୟେଟର କହୁଛ, ଅର୍ଥାତ୍ ବିଗିନିଙ୍ଗ୍ ହୋଇଥିବ ହିଁ !' 'ଯାହାର ବିଗିନିଙ୍ଗ୍ ଥିବ, ତାହାର ଅନ୍ତ ମଧ୍ୟ ଥିବ। କିନ୍ତୁ ଏହା ତ' ବିନା ଏଣ୍ଡ୍‌ବାଲା ଜଗତ ଅଟେ। ବିଗିନିଙ୍ଗ୍ ହୋଇନାହିଁ ତେବେ ଏଣ୍ଡ୍ କେଉଁଠୁ ଆସିବ ? ଏହା ତ' ଅନାଦି ଅନନ୍ତ ଅଟେ। ଯାହାର ବିଗିନିଙ୍ଗ୍ ହୋଇନାହିଁ, ତାହାକୁ ତିଆରି କରିବାବାଲା କେହି ହୋଇପାରିବେନି, ଏପରି ଆପଣଙ୍କୁ ଲାଗୁନାହିଁ ?

## ଭଗବାନଙ୍କ ସଠିକ୍ ଠିକଣା

ତା'ପରେ ଏହି ଫରେନର୍ ସାଇନଟିଷ୍ଟମାନେ ମୋତେ ପଚ୍ଚରିଲେ ଯେ, 'ତେବେ କ'ଣ ଭଗବାନ ନାହାନ୍ତି ?' ସେତେବେଳେ ମୁଁ କହିଲି, 'ଭଗବାନ ଯଦି ନ' ଥାନ୍ତେ, ତେବେ ଏହି ଜଗତରେ ଯେଉଁ ଭାବନା ଅଛି, ସୁଖ ଏବଂ ଦୁଃଖର ଯେଉଁ ଅନୁଭବ ହେଉଛି, ସେହି ସବୁର କିଛି ଅନୁଭବ ହିଁ ହୋଇନଥାନ୍ତା। ସେଥିପାଇଁ ଭଗବାନ ଅବଶ୍ୟ ଅଛନ୍ତି।' ସେମାନେ ମୋତେ ପଚ୍ଚରିଲେ 'ଭଗବାନ କେଉଁଠାରେ ରୁହନ୍ତି ?' ମୁଁ କହିଲି, 'ଆପଣଙ୍କୁ କେଉଁଠି ଲାଗୁଛି ?' ତା'ପରେ ସେମାନେ କହିଲେ 'ଉପରେ'। ମୁଁ ପଚ୍ଚରିଲି, 'ସେ ଉପରେ କେଉଁଠାରେ ଅଛନ୍ତି ? ତାଙ୍କର ଗଳି ନମ୍ବର କେତେ ? କେଉଁ ଗଳିରେ ରୁହନ୍ତି, ଆପଣ ଜାଣିଛନ୍ତି ? ସେଠାରେ ଚିଠି ପହଞ୍ଚିଲା ଭଳି ଆପଣଙ୍କ ପାଖରେ ସଠିକ୍ ଆଡ୍ରେସ୍ ଅଛି ? ଉପରେ ତ' କେହି ବାପ ମଧ୍ୟ ନାହିଁ। ସବୁ ସ୍ଥାନ ମୁଁ ବୁଲି ଆସିଲି। ସବୁଲୋକ କହୁଥିଲେ ଉପରେ ଅଛନ୍ତି, ଉପରକୁ ଆଙ୍ଗୁଠି ଦେଖାଉଥିଲେ। ଏହା ଦ୍ୱାରା ମୋତେ ଲାଗିଲା ଯେ ସବୁଲୋକ କହୁଛନ୍ତି, ସେଥିପାଇଁ କିଛି ରହିଥିବା ଦରକାର। ସେଥିପାଇଁ ମୁଁ ଉପରେ ସବୁ ଜାଗା ଖୋଜି

ଆସିଲି, ତେବେ ଉପରେ ତ' ଖାଲି ଆକାଶ ହିଁ ଅଛି, ଉପରେ କେହି ମିଳିଲେ ନାହିଁ। ଉପରେ ତ କେହି ରୁହନ୍ତି ନାହିଁ। ଏବେ ସେହି ଫରେନର୍ ସାଇଣ୍ଟିଷ୍ଟମାନେ ମୋତେ କହିଲେ 'ଭଗବାନଙ୍କର ସଠିକ ଆଡ୍ରେସ୍ କହିବେ ?' ମୁଁ କହିଲି 'ଲେଖିନିଅନ୍ତୁ। God is in every creature, whether 'visible' or 'inivisible' not in creation' (ଭଗବାନ, ଆଖିରେ ଦେଖାଯାଉଥିବା ବା' ନ ଦେଖାଯାଉଥିବା, ପ୍ରତ୍ୟେକ ଜୀବ ମଧ୍ୟରେ ବିଦ୍ୟମାନ ଅଟନ୍ତି, ମାତ୍ର ମାନବ ନିର୍ମିତ କୌଣସି ବସ୍ତୁରେ ନାହାନ୍ତି।)

ଏହି ଟେପ୍‌ରେକର୍ଡରକୁ 'କ୍ରିଏସନ' କୁହାଯାଇଥାଏ। ଯେତେସବୁ ମେନ୍‌ମେଡ (ମାନବ ନିର୍ମିତ) ବସ୍ତୁ ଅଛି, ମନୁଷ୍ୟ ଦ୍ୱାରା ତିଆରି ହୋଇଥିବା ବସ୍ତୁ ଅଛି, ସେଥିରେ ଭଗବାନ ନାହାନ୍ତି । ଯାହା ପ୍ରାକୃତିକ ରଚନା ଅଟେ, ସେଥିରେ ଭଗବାନ ଅଛନ୍ତି।

## ମନ ଅନୁକୂଳର ସିଦ୍ଧାନ୍ତ

କେତେ ଗୁଡ଼ିଏ ସଂଯୋଗ ଏକାଠି ହେବା ପରେ କୌଣସି କାର୍ଯ୍ୟ ହୋଇଥାଏ, ଅର୍ଥାତ୍ ଏହା ସାଇନଟିଫିକ୍ ସରକମ୍‌ଷ୍ଟାନ୍‌ସିୟାଲ୍ ଏଭିଡେନ୍ସ ଅଟେ। ଏଥିରେ ଇଗୋଇଜିମ୍ କରି, 'ମୁଁ କରିଲି' କହି ଆରୋପଣ କରନ୍ତି। ମାତ୍ର ଭଲ ହେଲେ 'ମୁଁ କରିଲି' ଏବଂ ଖରାପ ହେଲେ 'ମୋର ସଂଯୋଗ ଏବେ ଠିକ୍ ନାହିଁ' ଏପରି ଲୋକମାନେ କୁହନ୍ତି ନା' ? ସଂଯୋଗକୁ ଲୋକମାନେ ମାନନ୍ତି ନା' ?

**ପ୍ରଶ୍ନକର୍ତ୍ତା :** ହଁ।

**ଦାଦାଶ୍ରୀ :** ଲାଭ ଯଦି ହୁଏ ତେବେ ତାହାର ଗର୍ବରସ ନିଜେ ଚାଖେ ଏବଂ ଯଦି କ୍ଷତି ହୋଇଯାଏ ତେବେ କିଛି ବାହାନା ବନାଏ। ମୁଁ ପଚାରେ, 'ସେଠଜୀ, ଏପରି ଏବେ କାହିଁକି ହୋଇଗଲା ?' ତେବେ ସେ କୁହନ୍ତି, 'ଭଗବାନ ରୁସିଛନ୍ତି।'

**ପ୍ରଶ୍ନକର୍ତ୍ତା :** ମନ ଅନୁକୂଳର ସିଦ୍ଧାନ୍ତ ହୋଇଗଲା।

**ଦାଦାଶ୍ରୀ :** ହଁ, ମନ ଅନୁକୂଳ, ମାତ୍ର ଏପରି ଆରୋପ ତାଙ୍କ ଉପରେ (ଭଗବାନ ଉପରେ) ଲଗାଇବା ଉଚିତ୍ ନୁହଁ। ଓକିଲ ଉପରେ ଆରୋପ ଲଗାଇବା

କିମ୍ବା ଆଉ କାହା ଉପରେ ଆରୋପ ତାହା ତ' ଠିକ୍ ଅଟେ, ମାତ୍ର ଭଗବାନଙ୍କ ଉପରେ ଆରୋପ କ'ଣ କରିପାରିବା ? ଓକିଲ ତ ଦାବିକରି ହିସାବ ମାଗିବ କିନ୍ତୁ ଭଗବାନଙ୍କ ପାଇଁ କିଏ ଦାବିକରିବ ? ଏହାର ଫଳସ୍ୱରୂପ ତ' ପର ଜନ୍ମରେ (ସଂସାରର) ଭୟଙ୍କର ବନ୍ଧନ ମିଳିବ। ଭଗବାନଙ୍କ ଉପରେ କ'ଣ ଆରୋପ ଲଗାଇବା ଉଚିତ୍ ?

**ପ୍ରଶ୍ନକର୍ତ୍ତା :** ଲଗାଇବା ଉଚିତ୍ ନୁହେଁ।

**ଦାଦାଶ୍ରୀ :** ନ' ହେଲେ କହିବ, 'ଷ୍ଟାର୍ସ ଫେବରେବଲ୍ (ଗ୍ରହ ଅନୁକୂଳ) ନାହିଁ।' ଅଥବା କହିବ 'ଅଂଶୀଦାର ଟେଢା ଅଟେ।' ନାହିଁ ତ' 'ପୁଅର ବୋହୂ ଅଶୁଭ ଅଟେ' ଏପରି କୁହେ। ମାତ୍ର ନିଜ ମୁଣ୍ଡ ଉପରକୁ ଆସିବାକୁ ଦିଏ ନାହିଁ ! ନିଜକୁ କେବେ ଦୋଷୀ ସାବ୍ୟସ୍ତ କରେ ନାହିଁ। ଏହି ବିଷୟରେ ମୋର ଜଣେ ଫରେନ୍ (ବିଦେଶୀ) ବାଲାଙ୍କ ସହିତ କଥାବାର୍ତ୍ତା ହୋଇଥିଲା। ସେ ପଚାରିଲେ ଯେ 'ଆପଣଙ୍କ ଇଣ୍ଡିଆନ ଲୋକ ନିଜର ଦୋଷ ନିଜ ଉପରକୁ କାହିଁକି ନିଅନ୍ତି ନାହିଁ।' ମୁଁ କହିଲି,'ଏହା ହିଁ ଇଣ୍ଡିଆନ ପଜଲ୍ ଅଟେ। ଇଣ୍ଡିଆନ୍ଙ୍କର ସବୁଠାରୁ ବଡ଼ ପଜଲ୍ (ପ୍ରହେଳିକା) ଯଦି କିଛି ଥାଏ ତେବେ, ଏହା ହିଁ ଅଟେ।'

## ସାଇଣ୍ଟିଫିକ୍ ସରକମ୍ଷ୍ଟାନ୍ସିୟଲ ଏଭିଡେନ୍ସ

ଏଥିପାଇଁ ଆଲୋଚନା କରନ୍ତୁ, ଯାହା କିଛି ମଧ୍ୟ ଆଲୋଚନା କରିବାର ଅଛି ସବୁ କରନ୍ତୁ। ଏପରି ଆଲୋଚନା କରନ୍ତୁ ଯାହାଦ୍ୱାରା ଆପଣଙ୍କର ସବୁ ସଂଶୟ ଦୂର ହୋଇଯିବ।

**ପ୍ରଶ୍ନକର୍ତ୍ତା:** ଏହି 'ସାଇନଟିଫିକ୍ ସରକମ୍ଷ୍ଟାନ୍ସିୟାଲ୍ ଏଭିଡେନ୍ସ' ବୁଝିପାରିଲି ନାହିଁ।

**ଦାଦାଶ୍ରୀ :** ଏହା ସବୁ ସାଇଣ୍ଟିଫିକ୍ ସରକମ୍ଷ୍ଟାନ୍ସିୟାଲ୍ ଏଭିଡେନ୍ସ (ବୈଜ୍ଞାନିକ ସଂଯୋଗ ଯୁକ୍ତ ପ୍ରମାଣ) ଉପରେ ଆଧାରିତ ଅଟେ। ସଂସାରରେ ଗୋଟିଏ ମଧ୍ୟ ପରମାଣୁ ଚେଞ୍ଜ୍ ହେବା ସମ୍ଭବ ନୁହେଁ। ଏବେ ଯଦି ଆପଣ ଭୋଜନ କରିବା ପାଇଁ ବସିବେ, ତେବେ ଆପଣଙ୍କୁ ଜଣାନାହିଁ ଯେ ମୁଁ କ'ଣ ଖାଇବାକୁ ଯାଉଛି ? ତିଆରି

କରିବାବାଲାକୁ କ'ଣ ଜଣାଅଛି ଯେ କାଲି ଖାଇବା ପାଇଁ କ'ଣ ରନ୍ଧା ହେବ ? ଏହି ସବୁ କିପରି ହୋଇଯାଉଛି, ଏହା ଅଜବ ଅଟେ । ଆପଣଙ୍କ ଦ୍ୱାରା କେତେ ଖିଆଯିବ ଏବଂ କେତେ ନାହିଁ, ଏହା ସବୁ ପରମାଣୁ ମାତ୍ର, ନିଶ୍ଚିତ ଅଟେ ।

ଆପଣ ଆଜି ମୋତେ ଭେଟିଲେ ନା, ଏହା କେଉଁ ଆଧାର ଦ୍ୱାରା ଭେଟିପାରିଲେ ? ଓନ୍‌ଲୀ ସାଇଣ୍ଟିଫିକ୍ ସରକମ୍‌ଷ୍ଟାନ୍‌ସିୟାଲ୍ ଏଭିଡେନ୍ସ ଅଟେ । ଅତି ଅତି ଗୁହ୍ୟ କାରଣ ଅଟେ । ସେହି କାରଣକୁ ଖୋଜି ବାହାର କରନ୍ତୁ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏହା ଖୋଜିବୁ କିପରି ?

**ଦାଦାଶ୍ରୀ :** ଯେପରି ଏବେ ଆପଣ ଏଠାକୁ ଆସିଲେ, ସେଥିରେ ଆପଣଙ୍କ ଅଧିନରେ କିଛି ନାହିଁ । ତାହା ତ' ଆପଣଙ୍କର ମାନ୍ୟତା ଅଟେ, ଇଗୋଇଜିମ୍‌କରୁଛନ୍ତି ଯେ, 'ମୁଁ ଆସିଲି ଏବଂ ଗଲି ।'ଏହା ଯେଉଁ ଆପଣ କହୁଛନ୍ତି, 'ମୁଁ ଆସିଲି' ମାତ୍ର ମୁଁ ଯଦି କହିବି, 'କାଲି କାହିଁକି ଆସି ନଥିଲେ ?' ତେବେ 'ଏପରି' ପାଦ ଦେଖାଇବେ, ଏଥିରୁ କ'ଣ ବୁଝାଯିବ ?

**ପ୍ରଶ୍ନକର୍ତ୍ତା :** ପାଦ ବିନ୍ଧୁଥିଲା ।

**ଦାଦାଶ୍ରୀ :** ହଁ, ପାଦ ବିନ୍ଧୁଥିଲା । ପାଦର ବାହାନା କରୁଛ ତେବେ ଆମେ ବୁଝିଯିବା ନାହିଁ କି ଆସିବାବାଲା ଆପଣ, ନା' ପାଦ ?

**ପ୍ରଶ୍ନକର୍ତ୍ତା :** କିନ୍ତୁ 'ମୁଁ ହିଁ ଆସିଲି' ବୋଲି କୁହାଯିବ ନା' ?

**ଦାଦାଶ୍ରୀ :** ଆପଣ ହିଁ ଆସିଲେ । ନୁହେଁ ? ଯଦି ପାଦ ବିନ୍ଧୁଥାଏ ତେବେ ମଧ୍ୟ ଆପଣ ଆସିବେ ?

**ପ୍ରଶ୍ନକର୍ତ୍ତା :** ମୋର ନିଜର ଇଚ୍ଛାଥିଲା ଆସିବା ପାଇଁ, ସେଥିପାଇଁ ଆସିଲି ।

**ଦାଦାଶ୍ରୀ :** ହଁ, ଇଚ୍ଛା ଥିଲା ଆପଣଙ୍କର, ସେଥିପାଇଁ ଆସିଲେ । କିନ୍ତୁ ଏହି ପାଦ ଆଦି ସବୁ ଠିକ୍ ଥିଲା, ସେଥିପାଇଁ ଆପଣ ଆସିପାରିଲେ ନା ? ଠିକ୍ ନ'ଥାନ୍ତା ଯଦି ?

**ପ୍ରଶ୍ନକର୍ତ୍ତା :** ତେବେ ତ' ଆସି ପାରି ନଥାନ୍ତି । ଠିକ୍ କଥା ।

**ଦାଦାଶ୍ରୀ :** ତେବେ କ'ଣ ଆପଣ ଏକୁଟିଆ ଆସି ପାରିଥାନ୍ତେ ? ଯେପରି ଜଣେ ବ୍ୟକ୍ତି ଶଗଡ଼ରେ ବସି ଏଠାକୁ ଆସିଲେ ଏବଂ କହିଲେ 'ମୁଁ ଆସିଲି, ମୁଁ ଆସିଲି ।' ସେତେବେଳେ ମୁଁ ପଚାରିଲି, 'ଆପଣଙ୍କର ପାଦରେ ତ' ପାରାଲିସିସ୍ ହୋଇଛି, ଆପଣ ଆସିଲେ କିପରି ?' ସେତେବେଳେ ସେ କହିବେ, 'ଶଗଡ଼ରେ ଆସିଲି । କିନ୍ତୁ ମୁଁ ହିଁ ଆସିଲି, ମୁଁ ହିଁ ଆସିଲି ।' 'ଆରେ ! ମାତ୍ର ଶଗଡ଼ ଆସିଲା ନା' ଆପଣ ଆସିଲେ ?' ତେବେ ସେ କୁହେ, 'ଶଗଡ଼ ଆସିଲା ।' ପୁଣି ମୁଁ କୁହେ କି, 'ଶଗଡ଼ ଆସିଲା କି ବଳଦ ଆସିଲେ ?'

ଅର୍ଥାତ୍ ଏହି କଥା ତ କେଉଁଠୁ କେଉଁ ପର୍ଯ୍ୟନ୍ତ ! ମାତ୍ର ଦେଖନ୍ତୁ ଓଲଟା ମାନିନେଲେ ନା' ! ସବୁ ସଂଯୋଗ ଅନୁକୂଳ ହେଲେ, ତେବେ ଆସିହେବ, ନଚେତ୍ ଆସିହେବ ନାହିଁ ।

ଯଦି ମୁଣ୍ଡ ବିନ୍ଧୁଥିବ ତେବେ, ଆପଣ ଆସିଥିଲେ ମଧ୍ୟ ପୁଣି ଚାଲିଯିବେ । ଯଦି ଆମେ ହିଁ ଆସିବା ବା' ଯିବା ବାଲା ହୋଇଥା'ନ୍ତେ, ତେବେ ମୁଣ୍ଡ ବିନ୍ଧାର ବାହାନା କରି ପାରିବା ନାହିଁ ନା ? ଆରେ, ତେବେ ମୁଣ୍ଡ ଆସିଥିଲା ନା' ଆପଣ ଆସିଥିଲେ ? ଯଦି କେହି ରାସ୍ତାରେ ଭେଟିବେ ଏବଂ କହିବେ, 'ଚାଲନ୍ତୁ ଚନ୍ଦୁଲାଲ ମୋ ସହିତ' ତେବେ ମଧ୍ୟ ଆପଣ ଫେରିଯିବେ । ସେଥିପାଇଁ ଯଦି ସଂଯୋଗ ଅନୁକୂଳ ଥିବ, ଏଠାରେ ପହଞ୍ଚିବା ପର୍ଯ୍ୟନ୍ତ କେହି ଅଟକାଇବାବାଲା ନ ମିଳିବେ ତେବେ ଯାଇ ଆପଣ ଏଠାକୁ ଆସିପାରିବେ ।

## ନିଜର ସତ୍ତା କେତେ ?

ଆପଣ ତ' କେବେ ଖାଇ ବି ନାହାନ୍ତି ନା ! ଏହା ତ' ସବୁ ଚନ୍ଦୁଲାଲ ଖାଆନ୍ତି ଏବଂ ଆପଣ ମନରେ ମାନୁଛନ୍ତି ଯେ ମୁଁ ଖାଇଲି । ଚନ୍ଦୁଲାଲ ଖାଆନ୍ତି ଏବଂ ସୌଚାଳୟ ମଧ୍ୟ ଚନ୍ଦୁଲାଲ ଯାଆନ୍ତି । ବିନା କାରଣରେ ଏଥିରେ ଆପଣ ଫସି ଯାଇଛନ୍ତି । ଏହା ଆପଣ ବୁଝି ପାରୁଛନ୍ତି ତ' ?

**ପ୍ରଶ୍ନକର୍ତ୍ତା :** ବୁଝାଇ ଦିଅନ୍ତୁ ।

**ଦାଦାଶ୍ରୀ :** ଏହି ସଂସାରରେ କୌଣସି ମନୁଷ୍ୟ ଜନ୍ମ ହୋଇନାହିଁ ଯାହାର ସୌଚାଳୟ ଯିବା ପାଇଁ ନିଜର ସ୍ୱତନ୍ତ୍ର ସତ୍ତା ଅଛି । ସୌଚାଳୟ ଯିବା ପାଇଁ ମଧ୍ୟ କାହାରି ସ୍ୱତନ୍ତ୍ର ସତ୍ତା ନାହିଁ, ତେବେ ପୁଣି ଆଉ କେଉଁ ସତ୍ତା ଥିବ ? ଏହା ତ, ଯେ ପର୍ଯ୍ୟନ୍ତ ଆପଣଙ୍କ ଇଚ୍ଛା ଅନୁସାରେ ଅଳ୍ପ ବହୁତ ହେଉଥାଏ, ତେବେ ମନରେ ମାନି ନିଅନ୍ତି ଯେ ମୋ ଦ୍ୱାରା ହିଁ ସବୁକିଛି ହେଉଛି । କେବେ ଯଦି ଅଟକିଯିବ ନା', ତେବେ ଜାଣିପାରିବେ ।

ମୁଁ ଫରେନ୍‌ରୁ ରିଟର୍ଣ୍ଣ ହୋଇଥିବା ଦଶ-ବାର ଜଣ ଡ଼କ୍ଟରଙ୍କୁ ଏଠି ବରୋଦାକୁ ଡ଼କାଇଥିଲି । ସେମାନଙ୍କୁ ମୁଁ କହିଲି, 'ଆପଣଙ୍କର ସୌଚାଳୟ ଯିବାପାଇଁ ମଧ୍ୟ ସ୍ୱତନ୍ତ୍ର ଶକ୍ତି ନାହିଁ।' ଏହା ଶୁଣି ସେମାନଙ୍କ ମଧ୍ୟରେ ହଲଚଲ ପଡ଼ିଗଲା । ତାହାପରେ କହିଲି, ତାହା ତ' ଯେବେ ଅଟକଯିବ ସେତେବେଳେ ଜଣାପଡ଼ିବ । ସେତେବେଳେ ସେଠାରେ କାହାର ହେଲ୍‌ପ (ସାହାଯ୍ୟ) ନେବାକୁ ପଡ଼ିବ । ସେଥିପାଇଁ ଏହା ଆପଣଙ୍କର ସ୍ୱତନ୍ତ୍ର ଶକ୍ତି ହିଁ ନୁହେଁ । ଏହାତ' ଆପଣ ଭ୍ରାନ୍ତିରେ ପ୍ରକୃତିର ଶକ୍ତିକୁ ନିଜର ଶକ୍ତି ବୋଲି ମାନି ନେଇଛନ୍ତି । ପର ସତ୍ତାକୁ ନିଜର ସତ୍ତା ବୋଲି ମାନିବା ତାହାର ନାମ ଭ୍ରାନ୍ତି ଅଟେ । ଏହି କଥା ଅଳ୍ପ ବହୁତ ଆପଣ ବୁଝିପାରିଲେ ନା' ? ଦୁଇଅଣା ବା ଚାରିଅଣା, ଯେତିକି ହେଉ ବୁଝିପାରିଲେ ତ ?

**ପ୍ରଶ୍ନକର୍ତ୍ତା :** ହଁ ,ବୁଝିପାରିଲି ।

**ଦାଦାଶ୍ରୀ :** ସେତିକି ବୁଝିପାରିଲେ ମଧ୍ୟ ସମାଧାନ ହୋଇଯିବ । ଏହି ଲୋକମାନେ ଯେଉଁ କୁହନ୍ତି ଯେ, 'ମୁଁ ଏତେ ତପ କଲି, ଏତେ ଜପ କଲି, ଉପବାସ କଲି' ଏହା ସବୁ ଭ୍ରାନ୍ତି ଅଟେ । ତଥାପି ଜଗତ ତ' ଯେପରି ଅଟେ ସେପରି ହିଁ ରହିବ । ଅହଂକାର ନ' କରି ରହିବ ନାହିଁ । ସ୍ୱଭାବ ଅଟେ ନା ?

## କର୍ତ୍ତା, ନୈମିତ୍ତିକ କର୍ତ୍ତା...

**ପ୍ରଶ୍ନକର୍ତ୍ତା :** ଯଦି ବାସ୍ତବରେ ନିଜେ କର୍ତ୍ତା ନୁହେଁ, ତେବେ ପୁଣି କର୍ତ୍ତା କିଏ ? ଏବଂ ତା'ର ସ୍ୱରୂପ କ'ଣ ?

**ଦାଦାଶ୍ରୀ :** ଏପରି ଯେ, ନୈମିତ୍ତିକ କର୍ତ୍ତା ତ' ନିଜେ ହିଁ ଅଟେ । ନିଜେ ସ୍ୱତନ୍ତ୍ର କର୍ତ୍ତା ତ' ନୁହେଁ, ମାତ୍ର ନୈମିତ୍ତିକ କର୍ତ୍ତା ଅଟେ । ଅର୍ଥାତ୍ ପାର୍ଲାମେଣ୍ଟ୍ରି ପଦ୍ଧତି ଅନୁସାରେ କର୍ତ୍ତା ଅଟେ । ପାର୍ଲାମେଣ୍ଟ୍ରି ପଦ୍ଧତି ଅର୍ଥାତ୍ ? ଯେପରି ପାର୍ଲାମେଣ୍ଟରେ ସମସ୍ତଙ୍କର ଭୋଟିଂ ହୁଏ ଏବଂ ଶେଷରେ ନିଜର ଭୋଟ ହୁଏ, ସେହି ଆଧାରରେ କୁହେ ଯେ ଏହା ତ' ମୋତେ କରିବାକୁ ପଡ଼ିବ । ସେହି ହିସାବରେ କର୍ତ୍ତା ହୁଏ । ଏହିପରି ଯୋଜନାର ସର୍ଜନ ହୁଏ । ଯୋଜନା କରିବାବାଲା ନିଜେ ହିଁ ଅଟେ । କର୍ତ୍ତାପଣ କେବଳ ଯୋଜନାରେ ହିଁ ଥାଏ । ଯୋଜନାରେ ତା'ର ଦସ୍ତଖତ ଥାଏ । କିନ୍ତୁ ସଂସାରରେ ଲୋକେ ଏହା ଜାଣନ୍ତି ନାହିଁ । ଯେପରି ଛୋଟ କମ୍ପ୍ୟୁଟର(ଚନ୍ଦୁଲାଲ୍)ରୁ ଫିଡ୍ ହୋଇ ବାହାରେ ଏବଂ ବଡ଼ କମ୍ପ୍ୟୁଟର(ସାଇଣ୍ଟିଫିକ୍ ସରକମ୍‌ଷ୍ଟାନ୍‌ସିୟାଲ୍ ଏଭିଡେନ୍ସ)ରେ ଫିଡ୍ ହୋଇଯାଏ, ଏହିପରି ଏହି ଯୋଜନା ସର୍ଜନ ହୋଇ ବଡ଼ କମ୍ପ୍ୟୁଟରକୁ ଚାଲିଯାଏ । ବଡ଼ କମ୍ପ୍ୟୁଟର ପୁଣି ତାହାର ବିସର୍ଜନ କରେ । ଏଣୁ ଏହି ଜନ୍ମର ପୂରା ଲାଇଫ୍ ବିସର୍ଜନ ସ୍ୱରୂପ ଅଟେ, ଯାହାର ସର୍ଜନ ପୂର୍ବ ଜନ୍ମରେ ହୋଇଯାଇଥାଏ । ଏଥିପାଇଁ ଏହି ଜନ୍ମରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିସର୍ଜନ ସ୍ୱରୂପ ଅଟେ । ନିଜ ହାତରେ କିଛି ମଧ୍ୟ ନାହିଁ, ସବୁ ପରସତ୍ତାରେ ହିଁ ଅଛି । ଥରେ ଯଦି ଯୋଜନା ହୋଇଯାଏ ତେବେ ସବୁ ପରସତ୍ତାକୁ ଚାଲିଯାଏ । ରୂପକରେ, ପରିଣାମରେ ସେହି ପରସତ୍ତାର ହିଁ ରାଜୁତି  ଚାଲେ । ଅର୍ଥାତ୍ ପରିଣାମ ଅଲଗା ଅଟେ । ପରିଣାମ ପରସତ୍ତାର ଅଧିନ ଅଟେ । ଆପଣ ବୁଝିପାରୁଛନ୍ତି ତ' ? ଏହି କଥା ବହୁତ ଗହନ ଅଟେ ।

## କର୍ତ୍ତାପଦରୁ କର୍ମ ବନ୍ଧନ

**ପ୍ରଶ୍ନକର୍ତ୍ତା :** କର୍ମର ବନ୍ଧନରୁ ମୁକ୍ତ ହେବା ପାଇଁ କ'ଣ କରିବାକୁ ପଡିବ ?

**ଦାଦାଶ୍ରୀ :** ଏହି ଯେଉଁ କର୍ମ, ତାହା କର୍ତ୍ତାର ଅଧିନ ଅଟେ । ଏଣୁ କର୍ତ୍ତା ହେଲେ ହିଁ କର୍ମ ବନ୍ଧନ ହେବ । ଯଦି କର୍ତ୍ତା ହେବ ନାହିଁ, ତେବେ କର୍ମ ବନ୍ଧନ ହେବ ନାହିଁ । କର୍ତ୍ତା କିପରି ? ଆରୋପିତ ଭାବରେ ଯାଇ ବସିଲେ, ସେଥିପାଇଁ କର୍ତ୍ତା ହେଲେ । ନିଜର ମୂଳ ସ୍ୱଭାବକୁ ଯଦି ଆସିବା ତେବେ ନିଜେ କର୍ତ୍ତା ହିଁ ନୁହେଁ । 'ମୁଁ କରିଲି' ଏପରି  କହିଲା ସେଥିପାଇଁ କର୍ତ୍ତା ହେଲା । ଅର୍ଥାତ୍ କର୍ମକୁ ଆଧାର ଦେଲା । ଏବେ ନିଜେ କର୍ତ୍ତା ନହେଲେ କର୍ମ ବିସର୍ଜନ ହୋଇଯାଏ, ନିରାଧାର କରିଦେବା

ତେବେ କର୍ମର ବିସର୍ଜନ ହୋଇଯିବ । ଅର୍ଥାତ୍ ଯେତେ ପର୍ଯ୍ୟନ୍ତ କର୍ତ୍ତାପଣ ଅଛି ସେତେ ପର୍ଯ୍ୟନ୍ତ କର୍ମ ଅଛି ।

'ଛୁଟେ ଦେହାଧ୍ୟାସ୍ ତୋ ନେହିଁ କର୍ତ୍ତା ତୁ କର୍ମ,
ନେହିଁ ଭୋକ୍ତା ତୁ ଉସକା, ୟହି ଧର୍ମ କା ମର୍ମ ।'

**-ଶ୍ରୀମଦ୍ ରାଜଚନ୍ଦ୍ର**

ବର୍ତ୍ତମାନ ଆପଣ 'ମୁଁ ଚନ୍ଦୁଲାଲ ଅଟେ' ଏପରି ମାନିନେଇଛନ୍ତି, ସେଥିପାଇଁ ସବୁ ଏକାକାର ହୋଇଯାଇଛି । ଭିତରେ ଦୁଇଟି ବସ୍ତୁ ଅଲଗା ଅଲଗା ଅଟେ । ଆପଣ ଅଲଗା ଏବଂ ଚନ୍ଦୁଲାଲ ଅଲଗା ଅଟେ । କିନ୍ତୁ ଯେ ପର୍ଯ୍ୟନ୍ତ ଆପଣ ଏହା ଜାଣିନାହାନ୍ତି, ସେତେବେଳ ପର୍ଯ୍ୟନ୍ତ କ'ଣ କରିହେବ ? ଜ୍ଞାନୀପୁରୁଷ ଭେଦ ବିଜ୍ଞାନ ଦ୍ୱାରା ଅଲଗା କରିଦିଅନ୍ତି, ପରେ ଯେତେବେଳେ 'ଆପଣ' ('ଚନ୍ଦୁଲାଲ'ଠାରୁ) ଅଲଗା ହୋଇଯାଆନ୍ତି, ସେତେବେଳେ 'ଆପଣଙ୍କୁ' କିଛି ବି କରିବାକୁ ପଡ଼େ ନାହିଁ । ସବୁ 'ଚନ୍ଦୁଲାଲ' କରିଥାନ୍ତି ।

# (୬) ଭେଦଜ୍ଞାନ କିଏ କରାନ୍ତି ?

## ଆତ୍ମା-ଅନାତ୍ମାର ବୈଜ୍ଞାନିକ ବିଭାଜନ

ଯେପରି ଏହି ମୁଦିରେ ସୁନା ଏବଂ ତମ୍ବା ଉଭୟ ମିଶି ରହିଛି, ତାହାକୁ ଯଦି ଆମେ ଗାଁକୁ ନେଇ କାହାକୁ କହିବା ଯେ, 'ଭାଇ, ଅଲଗା ଅଲଗା କରିଦିଅନ୍ତୁ ନା ! ତେବେ କ'ଣ କେହି ବି କରିପାରିବେ ? କିଏ କରିପାରିବ ?

**ପ୍ରଶ୍ନକର୍ତ୍ତା :** ବଣିଆ ହିଁ କରିପାରିବ ।

**ଦାଦାଶ୍ରୀ :** ଯାହାର ଏହି କାମ ଅଟେ, ଯିଏ ଏଥିରେ ଏକ୍ସପର୍ଟ (ଦକ୍ଷ) ଅଟେ ସିଏ ସୁନା ଏବଂ ତମ୍ବା ଦୁଇଟିକୁ ଅଲଗା କରିପାରିବ । ୧୦୦ ରୁ ୧୦୦ ଭାଗ ସୁନା ଅଲଗା କରିଦେବ, କାରଣ ସେ ଦୁଇଟିର ଗୁଣଧର୍ମ ଜାଣିଛି ଯେ ସୁନାର ଗୁଣଧର୍ମ ଏପରି ଅଟେ ଏବଂ ତମ୍ବାର ଗୁଣଧର୍ମ ଏପରି ଅଟେ । ସେହିପରି ଜ୍ଞାନୀପୁରୁଷ ଆତ୍ମାର ଗୁଣଧର୍ମକୁ ଜାଣିଥା'ନ୍ତି ଏବଂ ଅନାତ୍ମାର ଗୁଣଧର୍ମ ମଧ୍ୟ ଜାଣିଥା'ନ୍ତି ।

ଯେପରି ମୁଦିରେ ସୁନା ଏବଂ ତମ୍ବାର 'ମିକ୍ସଚର'(ମିଶ୍ରଣ) ଥିଲେ ମଧ୍ୟ ତାହାକୁ ଅଲଗା କରାଯାଇପାରିବ । ଯଦି ସୁନା ଏବଂ ତମ୍ବା ଦୁଇଟି କମ୍ପାଉଣ୍ଡ (ଯୌଗିକ) ସ୍ୱରୂପ ହୋଇଯାଆନ୍ତା, ତେବେ ତାହାକୁ ଅଲଗା କରିହେବ ନାହିଁ । କାରଣ ଏହାଦ୍ୱାରା ଗୁଣଧର୍ମ ଅଲଗା ପ୍ରକାରର ହୋଇଯାଏ । ସେହିପରି ଜୀବ ମଧ୍ୟରେ ଚେତନ ଏବଂ ଅଚେତନର ମିକ୍ସଚର ଅଛି, ସେମାନେ କମ୍ପାଉଣ୍ଡ ସ୍ୱରୂପ ହୋଇନାହାନ୍ତି । ସେଥିପାଇଁ ପୁନର୍ବାର ସ୍ୱଭାବକୁ ଫେରିହେବ । କମ୍ପାଉଣ୍ଡ ହୋଇଥାଆନ୍ତା ଯଦି ତେବେ ଜାଣି ହୋଇନଥାନ୍ତା । ଚେତନର ଗୁଣଧର୍ମ ମଧ୍ୟ ଜଣାପଡି ନଥାନ୍ତା ଏବଂ ଅଚେତନର ଗୁଣଧର୍ମ ମଧ୍ୟ ଜଣାପଡିନଥାନ୍ତା ଏବଂ ତୃତୀୟ ପ୍ରକାର ଗୁଣଧର୍ମ ଉତ୍ପନ୍ନ ହୋଇଯାଇଥାନ୍ତା । କିନ୍ତୁ ଏପରି ନୁହେଁ । ତାହା ତ' କେବଳ 'ମିକ୍ସଚର' ହୋଇଛି । ସେଥିପାଇଁ ଜ୍ଞାନୀପୁରୁଷ ଅଲଗା କରିଦେଲେ ଆତ୍ମାର ପରିଚୟ ହୋଇଯାଏ ।

## ଜ୍ଞାନବିଧି କ'ଣ ?

**ପ୍ରଶ୍ନକର୍ତ୍ତା :** ଆପଣଙ୍କର ଜ୍ଞାନବିଧି କ'ଣ ?

**ଦାଦାଶ୍ରୀ :** ଜ୍ଞାନବିଧି ତ' ସେପାରେସନ (ଅଲଗା) କରେ, ପୁଦ୍‌ଗଲ୍ (ଅନାତ୍ମା) ଏବଂ ଆତ୍ମାକୁ ! ଶୁଦ୍ଧ ଚେତନ ଏବଂ ପୁଦ୍‌ଗଲ୍ ଦୁହିଁଙ୍କର ସେପାରେସନ୍ ।

**ପ୍ରଶ୍ନକର୍ତ୍ତା :** ଏହି ସିଦ୍ଧାନ୍ତ ତ' ଠିକ୍ ହିଁ ଅଟେ କିନ୍ତୁ ଏହାର ପଦ୍ଧତି କ'ଣ ?

**ଦାଦାଶ୍ରୀ :** ଏଥିରେ ନେବା-ଦେବା ପରି କିଛି ହୋଇନଥାଏ, କେବଳ ଏଠାରେ ବସି ଯେମିତି କୁ ସେମିତି କହିବା ଆବଶ୍ୟକ ('ମୁଁ କିଏ' ତାହାର ପରିଚୟ, ଜ୍ଞାନ କରାଇବା, ଦୁଇ ଘଣ୍ଟାର ଜ୍ଞାନ ପ୍ରୟୋଗ ହୋଇଥାଏ । ଏଥିରେ ଅଠଚାଳିଶ (୪୮) ମିନିଟ୍ ଆତ୍ମା-ଅନାତ୍ମାର ଭେଦ କରୁଥିବା ଭେଦ ବିଜ୍ଞାନର ବାକ୍ୟ କୁହାଇଥାଉ, ଯାହା ସମସ୍ତଙ୍କୁ କହିବାକୁ ପଡ଼ିଥାଏ । ତାହାପରେ ଏକ ଘଣ୍ଟାରେ ପାଞ୍ଚଟି ଆଜ୍ଞାର ଉଦାହରଣ ଦେଇ ବିସ୍ତାର ରୂପରେ ବୁଝାଯାଏ, ଯେ ଏବେ ଅବଶିଷ୍ଟ ଜୀବନ କିପରି ଅତିବାହିତ କରିବେ ଯାହାଦ୍ୱାରା ନୂତନ କର୍ମର ବନ୍ଧନ ନ ହୋଇ ପୁରୁଣା କର୍ମ ପୂର୍ଣ୍ଣ ରୂପରେ ଶେଷ ହୋଇଯାଏ, ଏହା ସହିତ 'ମୁଁ ଶୁଦ୍ଧାତ୍ମା ଅଟେ'ର ଲକ୍ଷ୍ୟ ସବୁ ସମୟ ପାଇଁ ରହିଥାଏ !)

### ଆବଶ୍ୟକତା ଗୁରୁଙ୍କର ? ଜ୍ଞାନୀଙ୍କର ?

**ପ୍ରଶ୍ନକର୍ତ୍ତା :** ଦାଦାଜୀଙ୍କୁ ଭେଟିବା ପୂର୍ବରୁ ଯଦି ଆଉ କାହାକୁ ଗୁରୁ ମାନିଛି ତେବେ ତା'ଙ୍କର କ'ଣ କରିବି ?

**ଦାଦାଶ୍ରୀ :** ତା'ଙ୍କ ନିକଟକୁ ଯିବ, ଏବଂ ନଯିବାର ଅଛି ଯଦି ତେବେ, ଯିବାର ଆବଶ୍ୟକ ମଧ୍ୟ ନାହିଁ । ତୁମେ ଯିବା ପାଇଁ ଚାହୁଁଛ ଯଦି ଯାଅ ଏବଂ ନ ଯିବା ପାଇଁ ଚାହୁଁଛ ଯଦି ନ ଯାଇପାର । ତା'ଙ୍କୁ ଦୁଃଖ ନ ହେଉ, ସେଥିପାଇଁ ଯିବା ଦରକାର । ଆମକୁ ବିନୟ ରଖିବା ଉଚିତ୍ । ଏଠାରେ 'ଆତ୍ମଜ୍ଞାନ' ନେବା ସମୟରେ ମୋତେ ଯଦି କେହି ପଚାରେ ଯେ, 'ଏବେ ମୁଁ ମୋର ଗୁରୁଙ୍କୁ ଛାଡ଼ିଦେବି ?' ତେବେ ମୁଁ କୁହେ, 'ଛାଡନ୍ତୁ ନାହିଁ ଭାଇ । ଆରେ, ସେହି ଗୁରୁଙ୍କର ପ୍ରତାପରୁ ହିଁ ତୁମେ ଏତେ ପର୍ଯ୍ୟନ୍ତ ପହଞ୍ଚିପାରିଛ ।' ଗୁରୁଙ୍କ କାରଣରୁ ମନୁଷ୍ୟ କିଛି ମର୍ଯ୍ୟାଦାରେ ରହିପାରିଥାଏ । ଗୁରୁ ନଥିଲେ, ମର୍ଯ୍ୟାଦା ମଧ୍ୟ ରହିବ ନାହିଁ । ଏବଂ ଗୁରୁଙ୍କୁ କହିବା ଉଚିତ୍ ଯେ 'ମୋତେ ଜ୍ଞାନୀ ପୁରୁଷ ମିଳିଛନ୍ତି । ତା'ଙ୍କର ଦର୍ଶନ କରିବା ପାଇଁ ଯାଉଛି ।' କିଛି ଲୋକ ତ ତାଙ୍କ ଗୁରୁଙ୍କୁ ମୋ ନିକଟକୁ ନେଇ ଆସନ୍ତି, କାରଣ ଗୁରୁଙ୍କୁ ମଧ୍ୟ 'ମୋକ୍ଷ' ଦରକାର ନା ! ସଂସାରର ଜ୍ଞାନ ମଧ୍ୟ ଗୁରୁ ବିନା ହୁଏ ନାହିଁ ଏବଂ ମୋକ୍ଷର ଜ୍ଞାନ ମଧ୍ୟ ଗୁରୁ ବିନା ହୁଏ ନାହିଁ । ବ୍ୟବହାରର ଗୁରୁ 'ବ୍ୟବହାର' ପାଇଁ ଅଟନ୍ତି ଏବଂ ଜ୍ଞାନୀପୁରୁଷ 'ନିଶ୍ଚୟ' ପାଇଁ ଅଟନ୍ତି । ବ୍ୟବହାର ରିଲେଟିଭ (ଆପେକ୍ଷିକ) ଅଟେ ଏବଂ ନିଶ୍ଚୟ ରିୟଲ୍ (ବାସ୍ତବ) ଅଟେ । ରିଲେଟିଭ୍ ନିମନ୍ତେ ଗୁରୁ ଦରକାର ଏବଂ ରିୟଲ୍ ନିମନ୍ତେ ଜ୍ଞାନୀ ପୁରୁଷ ଦରକାର ।

## (୭) ମୋକ୍ଷର ସ୍ୱରୂପ କ'ଣ ?

### ଧ୍ୟେୟ କେବଳ ଏହାହିଁ ହେବା ଉଚିତ୍

**ପ୍ରଶ୍ନକର୍ତ୍ତା :** ମନୁଷ୍ୟର ଧ୍ୟେୟ କ'ଣ ହେବା ଉଚିତ୍ ?

**ଦାଦାଶ୍ରୀ :** ମୋକ୍ଷରେ ଯିବା ପାଇଁ ହିଁ ! ଏହି ଧ୍ୟେୟ ରହିବା ଉଚିତ୍ । ଆପଣଙ୍କୁ ମଧ୍ୟ ମୋକ୍ଷରେ ଯିବାର ଅଛି ନା ? କେବେ ପର୍ଯ୍ୟନ୍ତ ଭଟକିବେ (ଘୂରି

ବୁଲିବେ) ? ଅନନ୍ତ ଜନ୍ମରୁ ଭଟକି, ଭଟକି... ଭଟକିବାରେ ଆଉ କିଛି ବାକି ହିଁ ରଖି ନାହାଁନ୍ତି ନା ! ତିର୍ଯ୍ୟଚ (ପଶୁ) ଗତିରେ, ମନୁଷ୍ୟଗତିରେ, ଦେବଗତିରେ, ସବୁଜାଗା ଭଟକି ଚାଲିଛନ୍ତି । କେଉଁଥିପାଇଁ ଭଟକିବାକୁ ପଡିଲା ? କାରଣ 'ମୁଁ କିଏ' ଏତିକି ହିଁ ଜାଣିଲେ ନାହିଁ । ନିଜର ସ୍ୱରୂପକୁ ହିଁ ଚିହ୍ନି ପାରିଲେ ନାହିଁ । ନିଜର ସ୍ୱରୂପକୁ ଜାଣିବା ଉଚିତ୍ । 'ନିଜେ କିଏ' ତାହା ଜାଣିବା ଉଚିତ୍ ନୁହେଁ କି ? ଏତେ ବୁଲିଲେ ତଥାପି ଆପଣ ଜାଣି ପାରିଲେ ନାହିଁ ? କେବଳ ଟଙ୍କା ରୋଜଗାର ପଛରେ ପଡ଼ିଛନ୍ତି ? ମୋକ୍ଷ ନିମନ୍ତେ ମଧ୍ୟ ଅଳ୍ପ ବହୁତ କରିବା ଉଚିତ୍ କି ନୁହେଁ ?

**ପ୍ରଶ୍ନକର୍ତ୍ତା :** କରିବା ଉଚିତ୍ ।

**ଦାଦାଶ୍ରୀ :** ଅର୍ଥାତ୍ ସ୍ୱତନ୍ତ୍ର ହେବାର ଆବଶ୍ୟକ ଅଛି ନା' ? ଏପରି ପରାଧିନ ହୋଇ କେତେ ପର୍ଯ୍ୟନ୍ତ ରହିବେ ?

**ପ୍ରଶ୍ନକର୍ତ୍ତା :** ସ୍ୱତନ୍ତ୍ର ହେବାର ଆବଶ୍ୟକ ନାହିଁ ମାତ୍ର ସ୍ୱତନ୍ତ୍ର ହେବା ପାଇଁ ବୋଧର ଆବଶ୍ୟକ ଅଛି, ଏପରି ମୋର ମାନ୍ୟତା ଅଟେ ।

**ଦାଦାଶ୍ରୀ :** ହଁ, ସେହି ବୋଧର ହିଁ ଆବଶ୍ୟକତା ଅଛି । ସେହି ବୋଧକୁ ଯଦି ଆମେ ଜାଣିନେବା ତେବେ ବହୁତ ହୋଇଗଲା, ଯଦିବା ସ୍ୱତନ୍ତ୍ର ହୋଇ ନ ପାରନ୍ତି । ସ୍ୱତନ୍ତ୍ର ହୋଇପାରନ୍ତି କି ନ ହୋଇପାରନ୍ତି ତାହା ପର କଥା । କିନ୍ତୁ ସେହି ବୋଧର ଆବଶ୍ୟକତା ତ' ଅଛି ନା ? ପ୍ରଥମେ ବୋଧ ପ୍ରାପ୍ତ ହୋଇଗଲେ, ତେବେ ବହୁତ ହୋଇଗଲା ।

## 'ସ୍ୱଭାବ'ରେ ଆସିବା ପାଇଁ ପରିଶ୍ରମ ନାହିଁ

ମୋକ୍ଷ ଅର୍ଥାତ୍ ନିଜର ସ୍ୱଭାବକୁ ଆସିବା ଏବଂ ସଂସାର ଅର୍ଥାତ ନିଜର ବିଶେଷ ଭାବକୁ ଯିବା । ତେବେ ସହଜ କ'ଣ ? ସ୍ୱଭାବରେ ରହିବା ! ଅର୍ଥାତ୍ ମୋକ୍ଷ କଠିନ ନୁହେଁ । ସଂସାର ସବୁ ସମୟରେ କଠିନ ହୋଇ ରହିଛି । ମୋକ୍ଷ ତ' ଖେଚିଡି ବନାଇବା ଠାରୁ ମଧ୍ୟ ସହଜ ଅଟେ । ଖେଚିଡି ପାଇଁ ତ' କାଠ ଆଣିବାକୁ ପଡ଼େ, ଡାଲି-ଚାଉଳ ଆଣିବାକୁ ପଡ଼େ, କଡେଇ ଆଣିବାକୁ ପଡ଼େ, ପାଣି ଆଣିବାକୁ ପଡ଼େ, ତେବେ ଯାଇ ଖେଚିଡି ହୁଏ । କିନ୍ତୁ ମୋକ୍ଷ ତ' ଖେଚିଡିଠାରୁ ମଧ୍ୟ ସହଜ ଅଟେ କିନ୍ତୁ

ମୋକ୍ଷଦାତା ଜ୍ଞାନୀ ମିଳିବା ଦରକାର । ନଚେତ୍ ମୋକ୍ଷ କଦାପି ହୋଇ ପାରିବ ନାହିଁ । କୋଟି କୋଟି ଜନ୍ମ ନେଲା ପରେ ମଧ୍ୟ ହୋଇ ପାରିବ ନାହିଁ । ଅନନ୍ତ ଜନ୍ମ ତ' ହୋଇ ଗଲାଣି ନା' ?

## ପରିଶ୍ରମ ଦ୍ୱାରା ମୋକ୍ଷ ପ୍ରାପ୍ତ ହୁଏ ନାହିଁ

ଏହା ଯାହା ମୁଁ କହୁଛି ନା, ଯେ ମୋ ନିକଟକୁ ଆସି ମୋକ୍ଷ ନେଇଯାଅ, ତେବେ ଲୋକମାନେ ମନରେ ଭାବନ୍ତି ଯେ 'ଏପରି ଦିଆଯାଉଥିବା ମୋକ୍ଷ କେଉଁ କାମକୁ, ନିଜ ପରିଶ୍ରମ ବିନା ?' 'ତେବେ ଭାଇ, ପରିଶ୍ରମ କରି ପ୍ରାପ୍ତ କରନ୍ତୁ । ଦେଖନ୍ତୁ, ତାହାର ବୁଝାମଣା କେତେ ବଢ଼ିଆ (!) ଅଟେ ?' ବାକି ପରିଶ୍ରମ ଦ୍ୱାରା କିଛି ମଧ୍ୟ ମିଳିବାର ନାହିଁ । ପରିଶ୍ରମ ଦ୍ୱାରା କେବେ କାହାକୁ ମୋକ୍ଷ ମିଳି ନାହିଁ ।

**ପ୍ରଶ୍ନକର୍ତ୍ତା :** ମୋକ୍ଷ ଦିଆ ବା ନିଆଯାଇ ପାରିବ କି ?

**ଦାଦାଶ୍ରୀ :** ତାହାକୁ ନେବା-ଦେବାର ହୋଇ ନଥାଏ । ଏହାତ ନୈମିତ୍ତିକ ଅଟେ । ଆପଣ ମୋତେ ଭେଟିଲେ, ଏହା ନିମିତ୍ତ ଅଟେ । ନିମିତ୍ତ ଜରୁରୀ ଅଟେ । ବାକି, ନା' ତ' କେହି ଦେବାବାଲା ଅଛି ଏବଂ ନା' କେହି ନେବାବାଲା ଅଛି । ଦେବାବାଲା କାହାକୁ କୁହାଯିବ ? ଯଦି କେହି ନିଜ ଘରର ବସ୍ତୁ ଦିଏ, ତେବେ ତାଙ୍କୁ ଦେବାବାଲା କୁହାଯାଏ । କିନ୍ତୁ ମୋକ୍ଷ ତ' ଆପଣଙ୍କ ଘରେ ହିଁ ଅଛି, ମୋତେ ତ' ଖାଲି ଆପଣଙ୍କୁ ଦେଖାଇଦେବାର ଅଛି, ରିୟଲାଇଜ୍ କରାଇଦେବାର ଅଛି । ଅର୍ଥାତ୍ ନେବା-ଦେବା ହିଁ ନାହିଁ, ମୁଁ ତ' କେବଳ ନିମିତ୍ତ ଅଟେ ।

## ମୋକ୍ଷ ଅର୍ଥାତ୍ ସନାତନ ସୁଖ

**ପ୍ରଶ୍ନକର୍ତ୍ତା :** ମୋକ୍ଷ ପ୍ରାପ୍ତ କରି କ'ଣ କରିବା ?

**ଦାଦାଶ୍ରୀ :** କିଛି ବ୍ୟକ୍ତି ମୋତେ ଭେଟିଲେ କୁହନ୍ତି ଯେ ମୋର ମୋକ୍ଷ ଦରକାର ନାହିଁ । ତେବେ ମୁଁ କୁହେ ଯେ, 'ଭାଇ, ଆପଣଙ୍କୁ ମୋକ୍ଷର ଆବଶ୍ୟକତା ନାହିଁ କିନ୍ତୁ ସୁଖ ଦରକାର କି ନାହିଁ ? ନା ଦୁଃଖ ପସନ୍ଦ ଅଟେ ?' ତେବେ କୁହନ୍ତି, 'ନାହିଁ, ସୁଖ ତ ଚାହୁଁଛି ।' ମୁଁ କହିଲି, 'ସୁଖ ଅଳ୍ପ-ବହୁତ କମ୍ ହେଲେ ଚଳିବ ?'

ତେବେ ସେ କୁହନ୍ତି 'ନାହିଁ, ସୁଖ ତ' ପୁରା ହିଁ ଦରକାର।' ତା' ପରେ ମୁଁ କୁହେ, 'ତାହା ହେଲେ ଆମେ ସୁଖ ବିଷୟରେ ହିଁ ଆଲୋଚନା କରିବା ନା ! ମୋକ୍ଷ କଥା ଛାଡି ଦିଅନ୍ତୁ।' ମୋକ୍ଷ କ'ଣ, ଏହି ଲୋକମାନେ ବୁଝନ୍ତି ହିଁ ନାହିଁ। ଶବ୍ଦରେ କୁହନ୍ତି ଏତିକି ହିଁ। ଲୋକେ ଏପରି ବୁଝନ୍ତି ଯେ ମୋକ୍ଷ ନାମରେ କୌଣସି ସ୍ଥାନ ଅଛି ଏବଂ ସେଠାକୁ ଯିବା ଦ୍ୱାରା ଆମକୁ ମୋକ୍ଷର ମଜା ଆସିବ ! ମାତ୍ର ଏହା ସବୁ ଏପରି ନୁହେଁ।

## ମୋକ୍ଷ, ଦୁଇଟି ଷ୍ଟେଜ୍‌ରେ

**ପ୍ରଶ୍ନକର୍ତ୍ତା :** ମୋକ୍ଷର ଅର୍ଥ, ଆମେ ସାଧାରଣତ 'ଜନ୍ମ-ମରଣରୁ ମୁକ୍ତି', ବୋଲି କହିଥାଉ।

**ଦାଦାଶ୍ରୀ :** ହଁ, ଏହା ସତ ଅଟେ। କିନ୍ତୁ ଯାହା ଅନ୍ତିମ ମୁକ୍ତି ଅଟେ, ତାହା ସେକେଣ୍ଡାରୀ ଷ୍ଟେଜ୍ ଅଟେ। କିନ୍ତୁ ପ୍ରଥମ ଷ୍ଟେଜ୍‌ରେ, ପ୍ରଥମ ମୋକ୍ଷ ଅର୍ଥାତ୍ ସଂସାରୀ ଦୁଃଖର ଅଭାବ ହୋଇଥାଏ। ସଂସାରର ଦୁଃଖରେ ମଧ୍ୟ ଦୁଃଖ ସ୍ପର୍ଶ କରେନାହିଁ, ଉପାଧିରେ ମଧ୍ୟ ସମାଧି ରହିଥାଏ, ତାହା ପ୍ରଥମ ମୋକ୍ଷ ଅଟେ। ଏବଂ ପରେ ଏହି ଶରୀର ଛାଡ଼ିଦେବା ପରେ ଆତ୍ୟନ୍ତିକ ମୋକ୍ଷ ହୁଏ। କିନ୍ତୁ ପ୍ରଥମ ମୋକ୍ଷ ଏହିଠାରେ ହୋଇଯିବା ଉଚିତ୍। ମୋର ମୋକ୍ଷ ହୋଇ ଯାଇଛି ନା ! ସଂସାରରେ ରହିଲା ପରେ ମଧ୍ୟ ସଂସାର ଛୁଁଏ ନାହିଁ, ଏପରି ମୋକ୍ଷ ହୋଇଯିବା ଉଚିତ୍। ଏହି ଅକ୍ରମ ବିଜ୍ଞାନ ଦ୍ୱାରା ଏପରି ହୋଇପାରିବ।

## ବଞ୍ଚିଥିବାବେଳେ ହିଁ ମୁକ୍ତି

**ପ୍ରଶ୍ନକର୍ତ୍ତା :** ଯାହା ମୁକ୍ତି ବା' ମୋକ୍ଷ ଅଟେ, ତାହା ବଞ୍ଚିଥିବାବେଳେ ମୁକ୍ତି ନା ମୃତ୍ୟୁ ପରେ ମୁକ୍ତି ଅଟେ ?

**ଦାଦାଶ୍ରୀ :** ମରିବା ପଶ୍ଚାତ୍ ମୁକ୍ତି କେଉଁ କାମରେ ? ମରିବା ପରେ ମୁକ୍ତି ହେବ,ଏପରି କହି ଲୋକମାନଙ୍କୁ ଫସାଉଛନ୍ତି। ଆରେ, ମୋତେ ଏହିଠାରେ କିଛି ଦେଖାଅ ନା ! କିଛିହେଲେ ତ' ସ୍ୱାଦ ଚଖାଅ, କିଛି ପ୍ରମାଣ ତ' କୁହ। ସେଠାରେ ମୋକ୍ଷ ହେବ, ତାହାର କ'ଣ ଠିକଣା ? ଏପରି ଉଧାରିଆ ମୋକ୍ଷ ଆମେ କ'ଣ

କରିବା ? ଉଧାର ଲାଭକାରୀ ହୋଇନଥାଏ । ସେଥିପାଇଁ କ୍ୟାସ୍ (ନଗଦ) ହିଁ ଭଲ ଅଟେ । ଆମର ଏଠାରେ ବଞ୍ଚିଥିଲା ବେଳେ ହିଁ ମୁକ୍ତି ହେବା ଦରକାର, ଯେପରି ଜନକ ରାଜାଙ୍କର ମୁକ୍ତି ଆପଣ ଶୁଣିଛନ୍ତି ନା ନାହିଁ ?

**ପ୍ରଶ୍ନକର୍ତ୍ତା :** ହଁ ଶୁଣିଛି ।

## (୮) ଅକ୍ରମ ମାର୍ଗ କ'ଣ ଅଟେ ?

### ଅକ୍ରମ ଜ୍ଞାନ ଦ୍ୱାରା ଅସାଧାରଣ ସିଦ୍ଧି

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏହି ସଂସାରରେ ରହି ଏପରି ଆତ୍ମଜ୍ଞାନ ମିଳିପାରିବ କି ?

**ଦାଦାଶ୍ରୀ :** ହଁ, ଏପରି ରାସ୍ତା ଅଛି । ସଂସାରରେ ରହି ଏତିକି ହିଁ ନୁହେଁ, ଓ୍ୱାଇଫ (ପତ୍ନୀ) ସହିତ ରହି ମଧ୍ୟ ଆତ୍ମଜ୍ଞାନ ମିଳିପାରିବ । କେବଳ ସଂସାରରେ ରହିକରି ହିଁ ନୁହେଁ, ମାତ୍ର ପୁଅ-ଝିଅଙ୍କ ବିବାହ କରାଇ, ସମସ୍ତ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ମଧ୍ୟ ଆତ୍ମଜ୍ଞାନ ହୋଇପାରିବ । ମୁଁ ସଂସାରରେ ରହି ହିଁ ଆପଣଙ୍କୁ ଏହା କରାଇଦିଏ । ସଂସାରରେ, ଅର୍ଥାତ୍ ସିନେମା ଦେଖିଯିବା ଇତ୍ୟାଦି ସବୁ ଆପଣଙ୍କୁ ଛାଡ୍ ଦେଉଛି । ପୁଅ-ଝିଅଙ୍କୁ ବାହାକରାନ୍ତୁ ଏବଂ ଭଲଲୁଗା ପିନ୍ଧି ବାହାକରାନ୍ତୁ । ପୁଣି ଏହାଠାରୁ ଅଧିକ ଆଉ କ'ଣ ଗ୍ୟାରେଣ୍ଟି ଚାହୁଁଛନ୍ତି ?

**ପ୍ରଶ୍ନକର୍ତ୍ତା :** ଏତେ ସବୁ ଛାଡ୍ ମିଳିବ, ତେବେ ତ' ନିଶ୍ଚିତ ଆତ୍ମାରେ ରହିହେବ ।

**ଦାଦାଶ୍ରୀ :** ସବୁକିଛି ଛାଡ୍ ! ଏହା ଅପବାଦ ମାର୍ଗ ଅଟେ । ଆପଣଙ୍କୁ କିଛି ପରିଶ୍ରମ କରିବାର ନାହିଁ । ଆପଣଙ୍କୁ ଆତ୍ମା ମଧ୍ୟ ଆପଣଙ୍କ ହାତରେ ଦେଇ ଦେବି, ତାହାପରେ ଆତ୍ମାର ରମଣତାରେ ରହିବେ ଏବଂ ଏହି ଲିଫ୍ଟରେ ବସିରହିବେ । ଆପଣଙ୍କୁ ଆଉ କିଛି ମଧ୍ୟ କରିବାର ନାହିଁ । ତା'ପରେ ଆପଣଙ୍କୁ କର୍ମ ବନ୍ଧନ ହିଁ ହେବ ନାହିଁ । ଗୋଟିଏ ହିଁ ଜନ୍ମର କର୍ମ ବନ୍ଧନ ହେବ, ତାହା ମଧ୍ୟ ମୋର ଆଜ୍ଞା ପାଳନ ଯୋଗୁଁ । ମୋର ଆଜ୍ଞାରେ ରହିବା ଏଥିପାଇଁ ଆବଶ୍ୟକ ଯେ, ଲିଫ୍ଟରେ ବସିବା ସମୟରେ ଯଦି ହାତ ଏପଟ-ସେପଟ କରିବେ, ତେବେ ଅସୁବିଧାରେ ପଡ଼ିଯିବେ ନା !

**ପ୍ରଶ୍ନକର୍ତ୍ତା :** ଅର୍ଥାତ୍ ପରଜନ୍ମ ହେବ ନିଶ୍ଚୟ ?

**ଦାଦାଶ୍ରୀ :** ପୂର୍ବଜନ୍ମ ମଧ୍ୟ ଥିଲା ଏବଂ ଏବେ ପରଜନ୍ମ ମଧ୍ୟ ଅଛି କିନ୍ତୁ ଏହି ଜ୍ଞାନ ଏପରି ଅଟେ ଯେ ଏବେ ଗୋଟିଏ କିମ୍ବା ଦୁଇଟି ଜନ୍ମ ହିଁ ବାକି ରହିବ । ପ୍ରଥମେ ଅଜ୍ଞାନରୁ ମୁକ୍ତି ହୋଇଯାଏ । ପରେ ଗୋଟିଏ କିମ୍ବା ଦୁଇଟି ଜନ୍ମରେ ଅନ୍ତିମ ମୁକ୍ତି ମିଳିଯିବ । ଗୋଟିଏ ଜନ୍ମ ତ' ନିଶ୍ଚିତ ରହିବ, ଏହି କାଳ ଏପରି ଅଟେ ।

ଆପଣ ଗୋଟିଏ ଦିନ ମୋ ପାଖକୁ ଆସନ୍ତୁ । ମୁଁ ଗୋଟିଏ ଦିନ ସ୍ଥିର କରିବି, ସେହି ଦିନ ଆପଣଙ୍କୁ ଆସିବାକୁ ହେବ । ସେହି ଦିନ ସମସ୍ତଙ୍କର ରସି (ଦଉଡ଼ି) ପଛଆଡୁ କାଟି ଦିଏ । ପ୍ରତିଦିନ କାଟେ ନାହିଁ । ସବୁଦିନ ତ'ସତ୍ସଙ୍ଗର ସମସ୍ତ ବିଷୟ ଆଲୋଚନା ହୁଏ, କିନ୍ତୁ ଗୋଟିଏ ଦିନ ନିଶ୍ଚୟ କରାଯାଏ, ସେହି ଦିନ ବ୍ଲେଡ୍ ଦ୍ୱାରା ଏପରି ବନ୍ଧନ କାଟି ଦିଏ (ଜ୍ଞାନବିଧି ଦ୍ୱାରା ସ୍ୱରୂପଜ୍ଞାନ ପ୍ରାପ୍ତି କରାଇ ଦିଆଯାଏ) ଆଉ କିଛି ନାହିଁ । ପରେ ତୁରନ୍ତ ହିଁ ଆପଣ ବୁଝିଯିବେ ଯେ ଏହିସବୁ ଖୋଲିଗଲା । ଏହି ଅନୁଭବ ହେଲା ପରେ ସଙ୍ଗେ ସଙ୍ଗେ କହିବେ ମୁକ୍ତ ହୋଇଗଲି । ଅର୍ଥାତ୍ ମୁକ୍ତ ହୋଇଗଲି ବୋଲି ଭାନ୍ ହେବା ଦରକାର । ମୁକ୍ତ ହେବା, ଏହା କୌଣସି ଗପ ନୁହେଁ । ଅର୍ଥାତ୍ ମୁଁ ଆପଣଙ୍କୁ ମୁକ୍ତ କରାଇଦିଏ ।

ଯେଉଁ ଦିନ ଏହି 'ଜ୍ଞାନ' ଦିଏ, ସେହି ଦିନ କ'ଣ ହୁଏ ? ଜ୍ଞାନାଗ୍ନୀରେ ତା'ର ଯେଉଁ କର୍ମଥାଏ, ତାହା ଭସ୍ମୀଭୁତ ହୋଇଯାଏ । ଦୁଇ ପ୍ରକାରର କର୍ମ ଭସ୍ମୀଭୁତ ହୋଇଯାଏ ଏବଂ ଗୋଟିଏ ପ୍ରକାର କର୍ମ ବାକି ରହେ । ଯେଉଁ କର୍ମ ବାଷ୍ପରୂପୀ ଅଟେ, ତାହାର ନାଶ ହୋଇଯାଏ । ଏବଂ ଯେଉଁ କର୍ମ ଜଳରୂପୀ ଅଟେ, ତାହାର ମଧ୍ୟ ନାଶ ହୋଇଯାଏ କିନ୍ତୁ ଯେଉଁ କର୍ମ ବରଫରୂପୀ ଅଟେ, ତାହାର ନାଶ ହୁଏ ନାହିଁ । ବରଫରୂପୀ ଯେଉଁ କର୍ମ ଥାଏ, ତାହାକୁ ଭୋଗିବାକୁ ହିଁ ପଡ଼ିଥାଏ । କାରଣ ତାହା ଯମାଟ ହୋଇଯାଇଥାଏ । ଯେଉଁ କର୍ମ ଫଳଦେବା ପାଇଁ ପ୍ରସ୍ତୁତ ହୋଇଯାଇଥାଏ, ତାହା ଆଉ ଛାଡ଼େ ନାହିଁ । କିନ୍ତୁ ଜଳ ଓ ବାଷ୍ପ ସ୍ୱରୂପ ଯେଉଁ କର୍ମ ଥାଏ, ତାହାକୁ ଜ୍ଞାନାଗ୍ନୀ ଉଡ଼ାଇ ଦିଏ । ତେଣୁ ଜ୍ଞାନ ପାଇବା ପରେ ଲୋକମାନେ ଏକାଥରେ ହାଲୁକା ହୋଇଯାଆନ୍ତି, ତାଙ୍କର ଜାଗୃତି ଏକାଥରେ ବଢ଼ିଯାଏ । କାରଣ ଯେତେବେଳ ପର୍ଯ୍ୟନ୍ତ କର୍ମ ଭସ୍ମୀଭୁତ ହୁଏ ନାହିଁ, ସେତେବେଳ ପର୍ଯ୍ୟନ୍ତ ମନୁଷ୍ୟର ଜାଗୃତି ବଢ଼ିପାରିବ

ନାହିଁ ! ବରଫରୂପୀ କର୍ମ ଅଛି ତାହା ଆମକୁ ଭୋଗିବାକୁ ହିଁ ପଡ଼ିବ । ଏବଂ ପୁଣି ତାହା ମଧ୍ୟ ସରଳ ରୀତିରେ କିପରି ଭୋଗିବା, ତାହାର ସମସ୍ତ ରାସ୍ତା ମୁଁ ବତାଇ ଦେଇଛି ଯେ, "ଭାଇ, ଏହି 'ଦାଦା ଭଗବାନ କି ଅସୀମ ଜୟ ଜୟକାର ହୋ' ଗାଇବ, ତ୍ରିମନ୍ତ୍ର ଉଚ୍ଚାରଣ କରିବ, ନଅ କଲମ ପଢ଼ିବ ।"

ମୁଁ ଜ୍ଞାନ ଦିଏ, ତାହା ଦ୍ୱାରା କର୍ମ ଭସ୍ମୀଭୂତ ହୋଇଯାଏ ଏବଂ ସେହି ସମୟରେ ବହୁତ ଆବରଣ ନଷ୍ଟ ହୋଇଯାଏ । ସେତେବେଳେ ଭଗବାନଙ୍କର କୃପାହେବା ମାତ୍ରେ ସେ ନିଜେ ଜାଗୃତ ହୋଇଯାଏ । ସେହି ଜାଗୃତି ଆଉ ଯାଏ ନାହିଁ, ଥରେ ଜାଗ୍ରତ ହେବାପରେ ତାହା ଆଉ ଯାଏନାହିଁ । ନିରନ୍ତର ଜାଗୃତ ରହିହେବ । ଅର୍ଥାତ୍ ନିରନ୍ତର ପ୍ରତୀତି ରହିବ ହିଁ । ପ୍ରତୀତି କେତେବେଳେ ରହିପାରିବ ? ଜାଗୃତି ଥିବ ତେବେ ପ୍ରତୀତି ରହିପାରିବ । ପ୍ରଥମେ ଜାଗୃତି, ତା'ପରେ ପ୍ରତୀତି । ପରେ ଅନୁଭବ, ଲକ୍ଷ୍ୟ ଏବଂ ପ୍ରତୀତି ଏହି ତିନୋଟି ରହିବ । ପ୍ରତୀତି ସବୁ ସମୟ ପାଇଁ ରହିବ । ଲକ୍ଷ୍ୟ ତ' ବେଳେ ବେଳେ ରହିବ । କୌଣସି ଧନ୍ଦାରେ ବା' କାମରେ ବ୍ୟସ୍ତ ରହିଥିଲେ ଲକ୍ଷ୍ୟ ରହେ ନାହିଁ ଏବଂ କାମ ଶେଷ ହେବା ପରେ ପୁଣି ଲକ୍ଷ୍ୟ ଆସିଯାଏ । ଏବଂ ଅନୁଭବ କେତେବେଳେ ହୁଏ ଯେ, ଯେତେବେଳେ ସମସ୍ତ କାମରୁ ନିବୃତ ହୋଇ, ଏକାନ୍ତରେ ବସିଥିବେ ସେତେବେଳେ ଅନୁଭବର ସ୍ୱାଦ ଆସିବ । ଅନୁଭବ ତ' ବଢ଼ିଚାଲିଥାଏ, କାରଣ ପ୍ରଥମେ ଚନ୍ଦୁଲାଲ କ'ଣ ଥିଲେ ଏବଂ ଆଜି ଚନ୍ଦୁଲାଲ କ'ଣ ଅଟନ୍ତି, ତାହା ବୁଝିହେଉଛି । ତେବେ ଏହି ପରିବର୍ତ୍ତନ କିପରି ? ଆତ୍ମ-ଅନୁଭବ ଦ୍ୱାରା । ପୂର୍ବରୁ ଦେହାଧ୍ୟାସର ଅନୁଭବ ଥିଲା ଏବଂ ଏବେ ଏହା ଆତ୍ମ-ଅନୁଭବ ଅଟେ ।

**ପ୍ରଶ୍ନକର୍ତ୍ତା :** ଆତ୍ମାର ଅନୁଭବ ହେବା ପରେ କ'ଣ ହୋଇଥାଏ ।

**ଦାଦାଶ୍ରୀ :** ଆତ୍ମାର ଅନୁଭବ ହୋଇଗଲା, ଅର୍ଥାତ୍ ଦେହାଧ୍ୟାସ ଦୂର ହୋଇଗଲା । ଦେହାଧ୍ୟାସ ଦୂର ହୋଇଗଲା, ଅର୍ଥାତ୍ କର୍ମ ବନ୍ଧନ ବନ୍ଦ ହୋଇଗଲା । ପୁଣି ଆଉ କ'ଣ ଦରକାର ?

## ଆତ୍ମା-ଅନାତ୍ମା ମଧ୍ୟରେ ଭେଦ ରେଖା

ଏହା ଅକ୍ରମ ବିଜ୍ଞାନ ଅଟେ, ସେଥିପାଇଁ ଏତେ ଶୀଘ୍ର ସମକିତ ହୋଇଯାଏ। ନଚେତ୍ ଆଜି କ୍ରମିକ ମାର୍ଗରେ ସମକିତ ହୋଇପାରିବ ଏପରି ସମ୍ଭବ ହିଁ ନୁହେଁ। ଏହି ଅକ୍ରମ ବିଜ୍ଞାନ ତ' ବହୁତ ଉଚ୍ଚକୋଟୀର ବିଜ୍ଞାନ ଅଟେ। ଆତ୍ମା ଏବଂ ଅନାତ୍ମା ମଧ୍ୟରେ ଅର୍ଥାତ୍ ଆପଣଙ୍କର ଏବଂ ଅନ୍ୟର ଜିନିଷ ଏପରି ଦୁଇଟିର ବିଭାଜନ କରିଦିଏ। 'ଏହି' ଭାଗ ଆପଣଙ୍କର ଏବଂ 'ଏହା' ଆପଣଙ୍କର ନୁହେଁ, ଆଉ ମଝିରେ ଲାଇନ୍ ଅଫ୍ ଡ଼ିମାର୍କେସନ୍, ଭେଦରେଖା ଟାଣିଦିଏ ସେଠାରେ। ତା'ପରେ ପଡୋଶୀଙ୍କ କ୍ଷେତର ଭେଣ୍ଡି ଆମେ ଖାଇପାରିବା ନାହିଁ ନା ?

## ମାର୍ଗ : 'କ୍ରମ' ଏବଂ 'ଅକ୍ରମ'

ତୀର୍ଥଙ୍କରମାନଙ୍କର ଯେଉଁ ଜ୍ଞାନ ଅଟେ ତାହା କ୍ରମିକ ଜ୍ଞାନ ଅଟେ। କ୍ରମିକ ଅର୍ଥାତ୍ ଶିଢ଼ି ପରେ ଶିଢ଼ି ଚଢ଼ିବା। ଯେତେ ଯେତେ ପରିଗ୍ରହ କମ୍ କରିଚାଲିବେ, ସେତେ ସେତେ ମୋକ୍ଷର ନିକଟ ପହଞ୍ଚିଯିବେ, ତାହା ମଧ୍ୟ ଲମ୍ବା ସମୟ ପରେ। ଯେବେକି ଏହି ଅକ୍ରମ ବିଜ୍ଞାନ ମାନେ କ'ଣ ? ଶିଢ଼ି ଚଢ଼ିବାର ନାହିଁ, ଲିଫ୍ଟରେ ବସିଯିବାର ଅଛି ଏବଂ ବାର ମହଲା ଉପରକୁ ଚଢ଼ିଯିବାର ଅଛି, ଏପରି ଏହି ଲିଫ୍ଟ ମାର୍ଗ ବାହାରି ଅଛି। ଯେଉଁମାନେ ଏହି ଲିଫ୍ଟରେ ବସିଗଲେ ସେମାନଙ୍କର କଲ୍ୟାଣ ହୋଇଗଲା। ମୁଁ ତ' ନିମିତ୍ତ ଅଟେ। ଯିଏ ଏହି ଲିଫ୍ଟରେ ବସିଗଲେ, ତାଙ୍କର ସମାଧାନ ହୋଇଗଲା ନା' ! ସମାଧାନ ତ' ବାହାରକରିବାକୁ ପଡ଼ିବ ନା' ? ଆମେ ମୋକ୍ଷରେ ଯିବାବାଲା ହିଁ ଅଟୁ, ସେହି ଲିଫ୍ଟରେ ବସିଥିବାର ପ୍ରମାଣ ତ' ଥିବା ଦରକାର ନା ଦରକାର ନାହିଁ ? ତାହାର ପ୍ରମାଣ ଅର୍ଥାତ୍ କ୍ରୋଧ-ମାନ-ମାୟା-ଲୋଭ ହେଉନଥିବ, ଆର୍ତ୍ତଧ୍ୟାନ-ରୌଦ୍ରଧ୍ୟାନ ହେଉନଥିବ। ଅର୍ଥାତ୍ ପୂରା କାମ ହୋଇଗଲା ନା' ?

## ଯିଏ 'ମୋତେ' ଭେଟିଲା ସେ ହିଁ ପାତ୍ର

**ପ୍ରଶ୍ନକର୍ତ୍ତା :** ଏହି ମାର୍ଗ ଏତେ ସହଜ ଅଟେ, ତେବେ ଅଧିକାର (ପାତ୍ରତା) ଭଳି କିଛି ଦେଖିବାକୁ ପଡ଼ିବ କି ନାହିଁ ? ସମସ୍ତଙ୍କ ପାଇଁ କ'ଣ ଏହା ସମ୍ଭବ ?

**ଦାଦାଶ୍ରୀ :** ଲୋକେ ମୋତେ ପଚାରନ୍ତି ଯେ, 'ମୁଁ ଅଧିକାରୀ (ପାତ୍ର) ଅଟେ କି ?' ସେତେବେଳେ ମୁଁ କୁହେ, 'ମୋତେ ଭେଟିଲୁ, ସେଥିପାଇଁ ତୁ ଅଧିକାରୀ ।' ଏଭଳି ଭେଟିବାର ପଛରେ, ସାଇନ୍‌ଟିଫିକ୍ ସରକମଷ୍ଟାନସିୟାଲ ଏଭିଡେନ୍ସର ହାତ ଅଛି । ସେଥିପାଇଁ ମୋତେ ଯେଉଁମାନେ ଭେଟିଲେ, ସେମାନଙ୍କୁ ଅଧିକାରୀ ବୁଝାଯିବ । ଯିଏ ଭେଟି ନାହିଁ ସିଏ ଅଧିକାରୀ ନୁହେଁ । ସେ କେଉଁ ଆଧାର ଦ୍ୱାରା ଭେଟେ ? ସେ ଅଧିକାରୀ ଅଟେ, ସେହି ଆଧାର ଦ୍ୱାରା ତ ସେ ମୋ ସହିତ ଭେଟେ । ମୋତେ ଭେଟିବା ପରେ ମଧ୍ୟ ଯଦି ତା'କୁ ପ୍ରାପ୍ତ ନହୁଏ, ତେବେ ତା'ର ଅନ୍ତରାୟ କର୍ମ ବାଧକ ଅଟେ ।

## କ୍ରମରେ 'କରିବାକୁ ପଡ଼େ' ଏବଂ ଅକ୍ରମରେ...

ଜଣେ ଭାଇ ଥରେ ପ୍ରଶ୍ନ କରିଲେ ଯେ କ୍ରମ ଏବଂ ଅକ୍ରମ ମଧ୍ୟରେ ପାର୍ଥକ୍ୟ କ'ଣ ? ତେବେ ମୁଁ କହିଲି ଯେ, କ୍ରମ ଅର୍ଥାତ୍ ସମସ୍ତେ କୁହନ୍ତି ଯେ ଓଲଟା (ଭୂଲ୍) ଛାଡ଼ନ୍ତୁ ଏବଂ ସିଧା (ସଠିକ୍) କରନ୍ତୁ । ସମସ୍ତେ ଏହା ହିଁ କୁହନ୍ତି ବାରମ୍ବାର, ତାହାର ନାମ କ୍ରମିକମାର୍ଗ । କ୍ରମ ଅର୍ଥାତ୍ ସମସ୍ତେ ଛାଡ଼ିବାକୁ କୁହନ୍ତି, ଏହି କପଟ-ଲୋଭ ଛାଡ଼ନ୍ତୁ ଏବଂ ଭଲ କରନ୍ତୁ । ଏହା ହିଁ ଆପଣ ଆଜି ପର୍ଯ୍ୟନ୍ତ ଦେଖି ଆସିଛନ୍ତି ନା' ? ଏବଂ ଏହି ଅକ୍ରମ ଅର୍ଥାତ୍, କରିବାର ନାହିଁ । କରୋମି-କରୋସି-କରୋତି ନାହିଁ ! ପକେଟ୍‌ମାର୍ ହୋଇଗଲେ ଅକ୍ରମରେ କହିବେ, 'ସିଏ ନେଇନାହିଁ କି ମୋର ଯାଇନାହିଁ' ଏବଂ କ୍ରମରେ ତ' ଏପରି କହିବେ ଯେ, 'ସିଏ ନେଇଗଲା ଏବଂ ମୋର ଚାଲିଗଲା ।'

ଏହି ଅକ୍ରମ ବିଜ୍ଞାନ ଲଟ୍ରୀ ସମାନ ଅଟେ । ଲଟ୍ରୀରେ ପୁରସ୍କାର ମିଳେ, ସେଥିରେ ସିଏ କୌଣସି ପରିଶ୍ରମ କରିଥିଲା କି ? ଟଙ୍କା ସିଏ ଦେଇଥିଲା ଏବଂ ଅନ୍ୟମାନେ ମଧ୍ୟ ଦେଇଥିଲେ, କିନ୍ତୁ ତା'ର କାମ ହୋଇଗଲା । ସେହିପରି ଏହି ଅକ୍ରମ ବିଜ୍ଞାନ, ତୁରନ୍ତ ହିଁ ମୋକ୍ଷ ଦେଇ ଦିଏ, ନଗଦ ହିଁ !

## ଅକ୍ରମ ଦ୍ୱାରା ଅମୂଲ୍ୟ ପରିବର୍ତ୍ତନ

ଅକ୍ରମ ବିଜ୍ଞାନକୁ ତ' ବହୁତ ବଡ଼ ଆର୍ଶ୍ଚଯ୍ୟ କୁହାଯାଏ । ଏହି 'ଜ୍ଞାନ' ନେବା ପର ଦିନଠାରୁ ହିଁ ମନୁଷ୍ୟର ପରିବର୍ତ୍ତନ ହୋଇଯାଏ । ଏହା ଶୁଣିବା ମାତ୍ରେ ଲୋକଙ୍କୁ ଏହି ବିଜ୍ଞାନ ସ୍ୱୀକାର ହୋଇଯାଏ ଏବଂ ଏଠାକୁ ଟାଣିହୋଇ ଆସନ୍ତି ।

## ଅକ୍ରମ ମାର୍ଗ, ବିଶ୍ୱସାରା

ଏହି ସଂଯୋଗ ତ' ବହୁତ ଉଚ୍ଚକୋଟୀର ଅଟେ । ଏପରି ଅନ୍ୟ କୌଣସି ସ୍ଥାନରେ ହୋଇନାହିଁ । ଜଣେ ହିଁ ମନୁଷ୍ୟ କେବଳ, 'ଦାଦାଜୀ' ହିଁ ଏହି କାର୍ଯ୍ୟ କରିପାରିଛନ୍ତି, ଅନ୍ୟ କେହି କରିପାରିବେ ନାହିଁ ।

**ପ୍ରଶ୍ନକର୍ତ୍ତା :** ପରେ ମଧ୍ୟ ଦାଦାଜୀଙ୍କର କୃପା ରହିବ ନା' ? ଆପଣଙ୍କ ପରେ କ'ଣ ହେବ ?

**ଦାଦାଶ୍ରୀ :** ଏହି ମାର୍ଗ ତ' ଚାଲୁ ରହିଥିବ । ମୋର ଇଚ୍ଛା ଅଛି ଯେ କେହି ମଧ୍ୟ ପ୍ରସ୍ତୁତ ହୋଇଯାଉ, ପରେ ମାର୍ଗ ଚଳାଇବାବାଲା ଦରକାର ନା' ନାହିଁ ?

**ପ୍ରଶ୍ନକର୍ତ୍ତା :** ଦରକାର ନା' !

**ଦାଦାଶ୍ରୀ :** ମୋର ଇଚ୍ଛା ପୂର୍ଣ୍ଣ ହୋଇଯିବ ।

**ପ୍ରଶ୍ନକର୍ତ୍ତା :** 'ଅକ୍ରମ ବିଜ୍ଞାନ' ଯଦି ଚାଲୁ ରହିବ, ତେବେ ତାହା ନିମିତ୍ତ ଦ୍ୱାରା ଚାଲୁରହିବ !

**ଦାଦାଶ୍ରୀ :** 'ଅକ୍ରମ ବିଜ୍ଞାନ' ଚାଲୁରହିଥିବ ହିଁ । ଅକ୍ରମ ବିଜ୍ଞାନ ବର୍ଷ-ଦୁଇବର୍ଷ ଏପରି ଚାଲୁରହିବ ତେବେ ସାରା ଦୁନିଆରେ ଏହାର ହିଁ କଥା ଆଲୋଚନା ହେବ, ଏବଂ ପହଞ୍ଚିଯିବ ଚରମ ସୀମା ପର୍ଯ୍ୟନ୍ତ (ଚାରି ଆଡ଼କୁ ପ୍ରଚାର ହୋଇଯିବ) । କାରଣ ଯେପରି ମିଛ କଥା ମୁଣ୍ଡରେ ଚଢ଼ି କୁହେ, ସେହିପରି ସତ କଥା ମଧ୍ୟ ମୁଣ୍ଡରେ ଚଢ଼ି କୁହେ । ସତ କଥାର ଅମଳ ବିଳମ୍ବରେ ହୁଏ ଏବଂ ମିଛ କଥାର ଅମଳ ଶୀଘ୍ର ହୁଏ ।

## ଅକ୍ରମ ଦ୍ୱାରା ସ୍ତ୍ରୀଙ୍କର ମଧ୍ୟ ମୋକ୍ଷ

ଲୋକେ କୁହନ୍ତି ଯେ ମୋକ୍ଷ ପୁରୁଷଙ୍କର ହିଁ ହୁଏ, ସ୍ତ୍ରୀମାନଙ୍କର ମୋକ୍ଷ ନାହିଁ । ଏହି ବିଷୟରେ ମୁଁ ସେମାନଙ୍କୁ କୁହେ ଯେ ସ୍ତ୍ରୀମାନଙ୍କର ମଧ୍ୟ ମୋକ୍ଷ ହୋଇଥାଏ । କାହିଁକି ହେବ ନାହିଁ ? ତେବେ କୁହନ୍ତି ଯେ, ସେମାନଙ୍କର କପଟ ଏବଂ ମୋହର ଗ୍ରନ୍ଥୀ ବହୁତ ବଡ଼ ଅଟେ । ପୁରୁଷଙ୍କର ଛୋଟ ଗ୍ରନ୍ଥୀ ହୋଇଥାଏ, ତ' ସେମାନଙ୍କର ଓଲୁଅ ପରି ବଡ଼ ଗ୍ରନ୍ଥୀ ହୋଇଥାଏ ।

ସ୍ତ୍ରୀ ମଧ୍ୟ ମୋକ୍ଷରେ ଯିବ । ସମସ୍ତେ ମନାକଲେ ମଧ୍ୟ, ସ୍ତ୍ରୀ ମୋକ୍ଷ ପାଇଁ ଯୋଗ୍ୟ ଅଟେ । କାରଣ ସେ ଆତ୍ମା ଅଟେ ଏବଂ ପୁରୁଷଙ୍କ ସହିତ ସଂପର୍କରେ ଆସିଅଛି, ସେଥିପାଇଁ ତା'ର ମଧ୍ୟ କାମ ହୋଇଯିବ, ମାତ୍ର ସ୍ତ୍ରୀ ପ୍ରକୃତିରେ ମୋହ ବଳବାନ ହୋଇଥିବାରୁ ଅଧିକ ସମୟ ଲାଗିବ ।

## କାମ କରାଇ ନିଅନ୍ତୁ

ଯେତେବେଳେ ଆବଶ୍ୟକ ସେତେବେଳେ ନିଜର କାମ କରାଇ ନିଅନ୍ତୁ । ଏପରି ମଧ୍ୟ ନୁହେଁ ଯେ ଆପଣ ଆସିବେ ହିଁ । ଆପଣଙ୍କୁ ଠିକ୍ ଲାଗୁଛି ତେବେ ଆସନ୍ତୁ ! ଆଉ ସଂସାର ପସନ୍ଦ ଲାଗୁଛି, ପୋଶଉଛି, ସେତେ ପର୍ଯ୍ୟନ୍ତ ସେହି ବ୍ୟାପାର ଚାଲୁରଖ । ମୋର ସେମିତି କିଛି ନାହିଁ ଯେ ଆପଣ ଏପରି ହିଁ କରନ୍ତୁ । ଏବଂ ମୁଁ ଆପଣଙ୍କୁ ଚିଠି ମଧ୍ୟ ଲେଖୁନାହିଁ । ଏଠାକୁ ଆସିଛ ତେବେ ଆପଣଙ୍କୁ କହିବି ଯେ 'ଭାଇ, ଲାଭ ଉଠାଇ ନିଅନ୍ତୁ ।' ଏତିକି ହିଁ ଆପଣଙ୍କୁ କହିବି । ହଜାର ହଜାର ବର୍ଷରୁ ଏଭଳି ବିଜ୍ଞାନ ପ୍ରକଟ ହୋଇନାହିଁ । ଏଥିପାଇଁ ମୁଁ କହୁଛି ଯେ ପରେ ଯାହା ହେଉଛି ହେଉ, କିନ୍ତୁ ଏହି କାମ କରାଇ ନେବା ଉଚିତ୍ ।

# (୯) 'ଜ୍ଞାନୀପୁରୁଷ' କିଏ ?

## ସନ୍ଥପୁରୁଷ : ଜ୍ଞାନୀପୁରୁଷ

**ପ୍ରଶ୍ନକର୍ତ୍ତା :** ଏହି ଯେଉଁମାନେ ସବୁ ସନ୍ଥ ହୋଇଯାଇଛନ୍ତି, ସେମାନଙ୍କ ଏବଂ ଜ୍ଞାନୀଙ୍କ ମଧ୍ୟରେ ଅନ୍ତର କେତେ ?

**ଦାଦାଶ୍ରୀ :** ସନ୍ଥ କାହାର ନାମ, ଯିଏ ଖରାପ ଛଡ଼ାନ୍ତି ଏବଂ ଭଲ ଶିଖାନ୍ତି । ଖରାପ କାମରୁ ଦୂରେଇ ଦିଅନ୍ତି ଏବଂ ଭଲ କାମ କରିବା ପାଇଁ ଶିଖାନ୍ତି, ସେମାନଙ୍କୁ ସନ୍ଥ କୁହାଯାଏ ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ୍ ପାପ କର୍ମରୁ ଯିଏ ବଞ୍ଚାଇଥା'ନ୍ତି, ସିଏ ସନ୍ଥ ଅଟନ୍ତି ?

**ଦାଦାଶ୍ରୀ :** ହଁ, ପାପ କର୍ମରୁ ଯିଏ ବଞ୍ଚାନ୍ତି ସିଏ ସନ୍ଥ ଅଟନ୍ତି, କିନ୍ତୁ ପାପ-ପୁଣ୍ୟ ଉଭୟରୁ ଯିଏ ବଞ୍ଚାନ୍ତି, ତା'ଙ୍କ ନାମ ଜ୍ଞାନୀପୁରୁଷ ଅଟେ ।

ସନ୍ଥପୁରୁଷ ସଠିକ୍ ରାସ୍ତା ଦେଖାନ୍ତି ଏବଂ ଜ୍ଞାନୀପୁରୁଷ ମୁକ୍ତି ଦିଅନ୍ତି । ସନ୍ଥଙ୍କୁ ପଥିକ କୁହାଯାଏ । ପଥିକ ଅର୍ଥାତ୍ ସିଏ ନିଜେ ଚାଲନ୍ତି ଏବଂ ଅନ୍ୟ ପଥିକମାନଙ୍କୁ କୁହନ୍ତି, 'ଚାଲ, ତୁମେ ମୋ ସହିତ ।'ଏବଂ ଜ୍ଞାନୀପୁରୁଷଙ୍କୁ ତ' ଶେଷ ଷ୍ଟେସନ୍ କୁହାଯିବ, ସେଠାରେ ତ' ଆମ କାମ ହୋଇଯିବ ।

ପ୍ରକୃତ ସନ୍ଥ କିଏ ଅଟନ୍ତି ? ଯିଏ ମମତା ବିହୀନ ଅଟନ୍ତି । ଆଉ ଅନ୍ୟ ଯେଉଁମାନେ ଅଛନ୍ତି, ସେମାନଙ୍କର ଅଳ୍ପ ବହୁତ ମମତା ରହିଥାଏ । ଏବଂ ପ୍ରକୃତ ଜ୍ଞାନୀ କିଏ ? ଯାହାର ଅହଂକାର ଏବଂ ମମତା ଉଭୟ ନଥାଏ ।

ଏଥିପାଇଁ ସନ୍ଥମାନଙ୍କୁ ଜ୍ଞାନୀପୁରୁଷ କୁହାଯାଇ ପାରିବ ନାହିଁ । ସନ୍ଥମାନଙ୍କୁ ଆତ୍ମାର ଅନୁଭବ ହୋଇନଥାଏ । ସେହି ସନ୍ଥମାନେ ମଧ୍ୟ କେବେ ଯଦି କୌଣସି ଜ୍ଞାନୀପୁରୁଷଙ୍କୁ ଭେଟନ୍ତି, ତେବେ ତାଙ୍କର କାମ ହୋଇଯିବ । ସନ୍ଥମାନଙ୍କୁ ମଧ୍ୟ ଜ୍ଞାନୀପୁରୁଷଙ୍କ ଆବଶ୍ୟକତା ଅଛି । ସମସ୍ତଙ୍କୁ ଏଠାକୁ ଆସିବାକୁ ପଡ଼ିବ, ନହେଲେ ମୁକ୍ତି ହିଁ ନାହିଁ ନା ! ପ୍ରତ୍ୟେକଙ୍କର ଇଚ୍ଛା ଏହା ହିଁ ହୋଇଥାଏ ।

ଜ୍ଞାନୀପୁରୁଷଙ୍କୁ ଦୁନିଆର ଆଶ୍ଚର୍ଯ୍ୟ କୁହାଯାଏ । ଜ୍ଞାନୀପୁରୁଷଙ୍କୁ ପ୍ରକଟ ଦୀପ ବୋଲି କୁହାଯାଏ ।

## ଜ୍ଞାନୀପୁରୁଷଙ୍କର ପରିଚୟ

**ପ୍ରଶ୍ନକର୍ତ୍ତା :** ଜ୍ଞାନୀପୁରୁଷଙ୍କୁ କିପରି ଚିହ୍ନି ପାରିବା ?

**ଦାଦାଶ୍ରୀ :** କିପରି ଚିହ୍ନିପାରିବେ ? ଜ୍ଞାନୀପୁରୁଷଙ୍କୁ ତ' ବିନା କିଛି କରି ମଧ୍ୟ ଚିହ୍ନିହେବ,ଏପରି ଅଟନ୍ତି ସେ । ତାଙ୍କର ସୁଗନ୍ଧ ହିଁ, ଚିହ୍ନିହେବାପରି ହୋଇଥାଏ । ତାଙ୍କର ବାତାବରଣ ଅଲଗା ପ୍ରକାରର ହୋଇଥାଏ । ତାଙ୍କର ବାଣୀ ମଧ୍ୟ ଅଲଗା ପ୍ରକାର ହୋଇଥାଏ । ତାଙ୍କର ଶବ୍ଦରୁ ଜଣାପଡ଼ିଯାଏ । ଆରେ ! ତାଙ୍କର ଆଖିକୁ ଦେଖିବା ମାତ୍ରେ ଜଣା ପଡିଯିବ । ଜ୍ଞାନୀଙ୍କ ନିକଟରେ ବହୁତ ବିଶ୍ୱସନୀୟତା ଥାଏ, ଜବରଦସ୍ତ ବିଶ୍ୱସନୀୟତା ! ଏବଂ ତାଙ୍କର ପ୍ରତ୍ୟେକ ଶବ୍ଦ ଶାସ୍ତ୍ରରୂପୀ ହୋଇଥାଏ ଯଦି ବୁଝିପାରିବେ ତ' । ତାଙ୍କର ବାଣୀ-ବ୍ୟବହାର ଏବଂ ବିନୟ ମନୋହର ହୋଇଥାଏ, ମନକୁ ହରଣ କରିନେଲା ଭଳି ହୋଇଥାଏ । ଏପରି ବହୁତ ପ୍ରକାରର ଲକ୍ଷଣ ଅଛି ।

ଜ୍ଞାନୀପୁରୁଷଙ୍କର ବୁଦ୍ଧି କିଞ୍ଚିତମାତ୍ର ନ'ଥାଏ ! ସିଏ ଅବୁଦ୍ଧ ଅଟନ୍ତି। ବୁଦ୍ଧି କିଞ୍ଚିତ୍‌ମାତ୍ର ନଥିବାଭଳି ଲୋକ କେତେ ଜଣ ଥିବେ ? କେବେ କେତେବେଳେ, ଏପରି କାହାର ଜନ୍ମ ହୋଇଥାଏ ଏବଂ ସେତେବେଳେ ଲୋକମାନଙ୍କର କଲ୍ୟାଣ ହୋଇଯାଏ । ସେତେବେଳେ ଲକ୍ଷ ଲକ୍ଷ ମନୁଷ୍ୟ (ସଂସାର ସାଗର) ପହଁରି ପାର ହୋଇଯାଆନ୍ତି। ଜ୍ଞାନୀପୁରୁଷ ଅହଂକାର ବିହୀନ ଅଟନ୍ତି, କିଞ୍ଚିତ୍‌ମାତ୍ର ମଧ୍ୟ ଅହଂକାର ନଥାଏ। ଏପରି ତ' ଅହଂକାର ବିହୀନ ମନୁଷ୍ୟ କେହି ମଧ୍ୟ ଏହି ସଂସାରରେ ନଥା'ନ୍ତି। କେବଳ ଜ୍ଞାନୀପୁରୁଷ ହିଁ ଅହଂକାର ବିହୀନ ଅଟନ୍ତି।

ଜ୍ଞାନୀପୁରୁଷ ହଜାର ହଜାର ବର୍ଷରେ ଥରେ-ଅଧେ ଜନ୍ମ ହୁଅନ୍ତି। ବାକି ସନ୍ଥ, ଶାସ୍ତ୍ରଜ୍ଞାନୀ ତ' ଅନେକ ହୁଅନ୍ତି। ଆମର ଏଠାରେ ଶାସ୍ତ୍ରର ଜ୍ଞାନୀ ବହୁତ ଅଛନ୍ତି କିନ୍ତୁ ଆତ୍ମାର ଜ୍ଞାନୀ ନାହାନ୍ତି। ଯିଏ ଆତ୍ମାର ଜ୍ଞାନୀ ଅଟନ୍ତି, ସେ ତ' ପରମ ସୁଖି ହୋଇଥାନ୍ତି, ତାଙ୍କୁ କିଞ୍ଚିତମାତ୍ର ମଧ୍ୟ ଦୁଃଖ ରୁହେନାହିଁ। ସେଥିପାଇଁ ସେଠାରେ ଆମର କଲ୍ୟାଣ ହୋଇଯାଏ। ଯିଏ ନିଜର କଲ୍ୟାଣ କରି ବସିଛନ୍ତି, ସେ ହିଁ ଆମର କଲ୍ୟାଣ କରିପାରିବେ। ଯିଏ ନିଜେ ପାରି ହୋଇଯାଇଛନ୍ତି,ସେ ହିଁ ଆମକୁ ପାରି କରାଇପାରିବେ। ନଚେତ୍ ଯିଏ ନିଜେ ବୁଡ଼ି ଯାଉଛନ୍ତି, ସିଏ କେବେ ମଧ୍ୟ ପାରି କରାଇପାରିବେ ନାହିଁ।

# (୧୦) 'ଦାଦା ଭଗବାନ' କିଏ ?

## 'ମୁଁ' ଏବଂ 'ଦାଦା ଭଗବାନ', ନୁହେଁ ଏକ ରେ

**ପ୍ରଶ୍ନକର୍ତ୍ତା :** ତେବେ ଆପଣ ଭଗବାନ କିପରି କୁହାଯାଉଛନ୍ତି ?

**ଦାଦାଶ୍ରୀ :** ମୁଁ ନିଜେ ଭଗବାନ ନୁହେଁ। ଭଗବାନଙ୍କୁ, 'ଦାଦା ଭଗବାନ'ଙ୍କୁ ତ' ମୁଁ ମଧ୍ୟ ନମସ୍କାର କରେ। ମୁଁ ନିଜେ ତିନିଶହ ଛପନ ଡିଗ୍ରୀରେ ଅଛି ଏବଂ 'ଦାଦା ଭଗବାନ' ତିନିଶହ ଷାଠିଏ ଡିଗ୍ରୀରେ ଅଛନ୍ତି। ମୋର ଚାରି ଡିଗ୍ରୀ କମ୍ ଅଛି, ସେଥିପାଇଁ ମୁଁ 'ଦାଦା ଭଗବାନ'ଙ୍କୁ ନମସ୍କାର କରେ।

**ପ୍ରଶ୍ନକର୍ତ୍ତା :** ତାହା କ'ଣ ପାଇଁ ?

**ଦାଦାଶ୍ରୀ :** କାରଣ ମୋତେ ତ' ଚାରି ଡିଗ୍ରୀ ପୂରଣ କରିବାର ଅଛି । ମୋତେ ପୂରଣ ତ' କରିବାକୁ ପଡ଼ିବ ନା' ? ଚାରି ଡିଗ୍ରୀ କମ୍ ରହିଲା, ପାସ୍ ହୋଇପାରିଲି ନାହିଁ ମାତ୍ର ପାସ୍ ନ ହୋଇ ମୁକ୍ତି ଅଛି କି ?

**ପ୍ରଶ୍ନକର୍ତ୍ତା :** ଆପଣଙ୍କୁ ଭଗବାନ ହେବାର ମୋହ ଅଛି କି ?

**ଦାଦାଶ୍ରୀ :** ମୋତେ ତ' ଭଗବାନ ହେବା ବହୁତ ବୋଝରୂପୀ ଲାଗେ । ମୁଁ ତ' ଲଘୁତମ ପୁରୁଷ ଅଟେ । ଏହି ଦୁନିଆରେ ମୋ ଠାରୁ ଲଘୁ କେହି ନାହିଁ, ଏପରି ଲଘୁତମ ମୁଁ ଅଟେ । ଅର୍ଥାତ୍ ଭଗବାନ ହେବା ମୋତେ ବୋଝପରି ଲାଗେ, ଓଲଟା ଲାଜ ଲାଗେ !

**ପ୍ରଶ୍ନକର୍ତ୍ତା :** ଭଗବାନ ନ ହେବାର ଅଛି ତେବେ ପୁଣି ଏହି ଚାରି ଡିଗ୍ରୀ ପୁରା କରିବା ପାଇଁ କାହିଁକି ପୁରଷାର୍ଥ କରୁଛନ୍ତି ?

**ଦାଦାଶ୍ରୀ :** ତାହା ତ' ମୋକ୍ଷରେ ଯିବା ପାଇଁ । ମୁଁ ଭଗବାନ ହୋଇ କ'ଣ କରିବି ? ଭଗବାନ ଅର୍ଥାତ୍, ଯେଉଁମାନେ ଭଗବତ୍ ଗୁଣ ଧାରଣ କରନ୍ତି, ସେମାନେ ସମସ୍ତେ ଭଗବାନ ଅଟନ୍ତି । 'ଭଗବାନ' ଶବ୍ଦ ବିଶେଷଣ ଅଟେ । ଯେ କୌଣସି ମନୁଷ୍ୟ ତାହାର ଯୋଗ୍ୟ ହେଲେ, ତେବେ ଲୋକମାନେ ତା'ଙ୍କୁ ଭଗବାନ କୁହନ୍ତି ହିଁ ।

## ଏଠାରେ ପ୍ରକଟ ହୋଇଛନ୍ତି, ଚଉଦ ଲୋକର ନାଥ

**ପ୍ରଶ୍ନକର୍ତ୍ତା :** 'ଦାଦା ଭଗବାନ' ଶବ୍ଦର ପ୍ରୟୋଗ କାହାପାଇଁ କରାଯାଇଛି ?

**ଦାଦାଶ୍ରୀ :** 'ଦାଦା ଭଗବାନ'ଙ୍କ ପାଇଁ ! ମୋ ପାଇଁ ନୁହେଁ, ମୁଁ ତ' ଜ୍ଞାନୀପୁରୁଷ ଅଟେ ।

**ପ୍ରଶ୍ନକର୍ତ୍ତା :** କେଉଁ ଭଗବାନ ?

**ଦାଦାଶ୍ରୀ :** 'ଦାଦା ଭଗବାନ', ଯିଏ ଚଉଦ ଲୋକର ନାଥ ଅଟନ୍ତି । ସେ ଆପଣଙ୍କ ଭିତରେ ମଧ୍ୟ ଅଛନ୍ତି, କିନ୍ତୁ ଆପଣଙ୍କ ଭିତରେ ପ୍ରକଟ ହୋଇ ନାହାନ୍ତି ।

ଆପଣଙ୍କ ମଧ୍ୟରେ ଅବ୍ୟକ୍ତ ରୂପରେ ରହିଛନ୍ତି ଏବଂ ଏଠାରେ ବ୍ୟକ୍ତ ହୋଇଛନ୍ତି। ଯିଏ ବ୍ୟକ୍ତ ହୋଇଛନ୍ତି, ସିଏ ଫଳ ଦିଅନ୍ତି, ଏପରି ଅଟେ। ଥରେ ଯଦି ମାତ୍ର ତାଙ୍କର ନାମ ନେବେ ତେବେ ମଧ୍ୟ ଆପଣଙ୍କର କାମ ହୋଇଯିବ, ଏପରି ଅଟେ। ମାତ୍ର ଚିହ୍ନିସାରି ଯଦି କହିବେ ତେବେ କଲ୍ୟାଣ ହୋଇଯିବ ଏବଂ ସଂସାରିକ ବସ୍ତୁର ଯଦି ଅସୁବିଧା ଅଛି ତେବେ ତାହା ମଧ୍ୟ ଦୂର ହୋଇଯିବ। କିନ୍ତୁ ସେଥିରେ ଲୋଭ କରିବେ ନାହିଁ ଏବଂ ଲୋଭ କରିବେ ତେବେ ସେଥିରେ ଅନ୍ତ ହିଁ ଆସିବ ନାହିଁ। ଆପଣ ବୁଝିପାରିଲେ କି, 'ଦାଦା ଭଗବାନ' କ'ଣ ଅଟନ୍ତି ?

ଏହା ଯାହା ଦେଖାଯାଉଛନ୍ତି, ସେ 'ଦାଦା ଭଗବାନ' ନୁହନ୍ତି। ଆପଣଙ୍କୁ, ଏହା ଯାହା ଦେଖାଯାଉଛନ୍ତି, ତା'ଙ୍କୁ 'ଦାଦା ଭଗବାନ' ବୋଲି ବୁଝୁଥିବେ, ନା' ? ମାତ୍ର ଏହି ଦେଖାଯିବାବାଲା ତ' ଭାଦରଣ(ଗୁଜରାଟର ଏକ ଗାଁ)ର ପଟେଲ ଅଟେ। ମୁଁ 'ଜ୍ଞାନୀପୁରୁଷ' ଅଟେ ଏବଂ 'ଦାଦା ଭଗବାନ' ତ' ଯିଏ ଭିତରେ ବସିଛନ୍ତି, ଭିତରେ ପ୍ରକଟ ହୋଇଛନ୍ତି, ସିଏ ଅଟନ୍ତି। ଚଉଦ ଲୋକର ନାଥ ପ୍ରକଟ ହୋଇଛନ୍ତି, ତା'ଙ୍କୁ ମୁଁ ନିଜେ ଦେଖିଛି, ନିଜେ ଅନୁଭବ କରିଛି। ସେଥିପାଇଁ ମୁଁ ଗ୍ୟାରେଣ୍ଟୀ ସହିତ କହୁଛି ଯେ ସେ ଭିତରେ ପ୍ରକଟ ହୋଇଛନ୍ତି।

ଏବଂ ଏହି ସବୁ କଥା କିଏ କହୁଛି ? 'ଟେପ୍‌ରେକର୍ଡର' କଥା କହୁଛି। କାରଣ 'ଦାଦା ଭଗବାନ'ଙ୍କଠାରେ କହିବାର ଶକ୍ତି ନାହିଁ ଏବଂ ଏହି 'ପଟେଲ' ତ' ଟେପରେକର୍ଡର ଆଧାରରେ କହୁଛନ୍ତି। କାରଣ 'ଭଗବାନ' ଏବଂ 'ପଟେଲ' ଦୁହେଁ ଅଲଗା ହୋଇଯାଇଛନ୍ତି, ସେଥିପାଇଁ ସେଠାରେ ଅହଂକାର କରିହେବ ନାହିଁ। ଏହି ଟେପ୍‌ରେକର୍ଡର ଯାହା କୁହେ, ତାହାର ମୁଁ ଜ୍ଞାତା-ଦ୍ରଷ୍ଟା ରୁହେ। ଆପଣଙ୍କର ମଧ୍ୟ ଟେପ୍‌ରେକର୍ଡର କହୁଛି, କିନ୍ତୁ ଆପଣଙ୍କ ମନରେ 'ମୁଁ କହୁଛି' ଏପରି ଗର୍ବରସ ଉତ୍ପନ୍ନ ହେଉଛି। ବାକି, ମୋତେ ମଧ୍ୟ ଦାଦା ଭଗବାନଙ୍କୁ ନମସ୍କାର କରିବାକୁ ପଡ଼େ। ମୋର ଦାଦା ଭଗବାନଙ୍କ ସହିତ ଜୁଦାପଣ (ଭିନ୍ନତା)ର ବ୍ୟବହାର ହୋଇଥାଏ। ବ୍ୟବହାର ହିଁ ଭିନ୍ନତାର ଅଟେ। କିନ୍ତୁ ଲୋକେ ଏପରି ବୁଝନ୍ତି ଯେ, ଇଏ ନିଜେ ହିଁ 'ଦାଦା ଭଗବାନ' ଅଟନ୍ତି। ନା, ନିଜେ କିପରି ଦାଦା ଭଗବାନ ହୋଇପାରିବି ? ଇଏ ତ' ପଟେଲ ଭାଦରଣର।

# (୧୧) ସୀମନ୍ଧର ସ୍ୱାମୀ କିଏ ?

## ତୀର୍ଥଙ୍କର ଭଗବାନ ଶ୍ରୀ ସୀମନ୍ଧର ସ୍ୱାମୀ

**ପ୍ରଶ୍ନକର୍ତ୍ତା :** ସୀମନ୍ଧର ସ୍ୱାମୀ କିଏ ଅଟନ୍ତି, ଏହା ବୁଝାଇବା ପାଇଁ କୃପା କରିବେ ?

**ଦାଦାଶ୍ରୀ :** ସୀମନ୍ଧର ସ୍ୱାମୀ ବର୍ତ୍ତମାନର ତୀର୍ଥଙ୍କର ସାହିବ ଅଟନ୍ତି । ସେ ଅନ୍ୟକ୍ଷେତ୍ରରେ ଅଛନ୍ତି । ଯେପରି ଋଷଭଦେବ ଭଗବାନ ହେଲେ, ମହାବୀର ଭଗବାନ ହେଲେ, ସେହିପରି ସୀମନ୍ଧର ସ୍ୱାମୀ ତୀର୍ଥଙ୍କର ଅଟନ୍ତି । ଯିଏ ଆଜି ମଧ୍ୟ ମହାବିଦେହ କ୍ଷେତ୍ରରେ ବିଚରଣ କରୁଛନ୍ତି ।

ବାକି, ମହାବୀର ଭଗବାନ ତ' ସବୁ କହି ଯାଇଛନ୍ତି । କିନ୍ତୁ ଲୋକଙ୍କର ବୁଝାମଣା ତେଢ଼ା ହେବ ତେବେ କ'ଣ ହୋଇପାରିବ ? ଏଥିପାଇଁ ଫଳପ୍ରାପ୍ତି ହେଉନାହିଁ ନା' ?

ଭଗବାନ ମହାବୀର କହିଯାଇଥିଲେ ଯେ 'ଏବେ ଚବିଶ ପୂର୍ଣ୍ଣ ହେଉଛି, ଏବେ (ଭରତ କ୍ଷେତ୍ରରେ) ତୀର୍ଥଙ୍କର ଜନ୍ମ ହେବେ ନାହିଁ, ସେଥିପାଇଁ ମହାବିଦେହ କ୍ଷେତ୍ରରେ ଯେଉଁ ତୀର୍ଥଙ୍କର ଅଛନ୍ତି, ତା'ଙ୍କୁ ଆରାଧନା କରିବ । ସେଠାରେ ବର୍ତ୍ତମାନ ତୀର୍ଥଙ୍କର ଅଛନ୍ତି, ତା'ଙ୍କର ଭଜନ କରନ୍ତୁ ।' କିନ୍ତୁ ଏହା ତ' ଏବେ ଲୋକଙ୍କର ଲକ୍ଷ୍ୟରେ ହିଁ ନାହିଁ । ଆଉ ଏହି ଚବିଶ ଜଣଙ୍କୁ ହିଁ ତୀର୍ଥଙ୍କର କୁହନ୍ତି, ସବୁଲୋକ !

## ସ୍ମରଣରେ ତ' ସୀମନ୍ଧର ସ୍ୱାମୀ ହିଁ

ଲୋକମାନେ ମୋତେ କୁହନ୍ତି ଯେ ଆପଣ ସୀମନ୍ଧର ସ୍ୱାମୀଙ୍କର ଭଜନ କାହିଁକି କରାଉଛନ୍ତି । ଚବିଶ ତୀର୍ଥଙ୍କରମାନଙ୍କର କାହିଁକି କରାଉନାହାନ୍ତି ? ମୁଁ କହିଲି, ଚବିଶ ତୀର୍ଥଙ୍କରଙ୍କୁ ମଧ୍ୟ ପ୍ରାର୍ଥନା କରିଥାଏ ମାତ୍ର ରୀତି ଅନୁସାରେ କରିଥାଏ । ସୀମନ୍ଧର ସ୍ୱାମୀଙ୍କର ଅଧିକ କରିଥାଏ । ସିଏ ବର୍ତ୍ତମାନ ତୀର୍ଥଙ୍କର କୁହାଯାଆନ୍ତି ଏବଂ ଏହି 'ନମୋ ଅରିହଂତାଣଂ' ତା'ଙ୍କୁ ହିଁ ପହଞ୍ଚେ । ନବକାର ମନ୍ତ୍ର ପଢ଼ିବା ସମୟରେ

ସୀମନ୍ଧର ସ୍ୱାମୀ ଲକ୍ଷ୍ୟରେ ରହିବା ଉଚିତ୍, ତେବେ ଯାଇ ଆପଣଙ୍କର ନବକାର ମନ୍ତ୍ର ଶୁଦ୍ଧ ହେଲା ବୋଲି କୁହାଯିବ।

## ଋଣାନୁବନ୍ଧ, ଭରତ କ୍ଷେତ୍ରର

**ପ୍ରଶ୍ନକର୍ତ୍ତା :** ସୀମନ୍ଧର ସ୍ୱାମୀଙ୍କର ବର୍ଣ୍ଣନା କରନ୍ତୁ।

**ଦାଦାଶ୍ରୀ :** ସୀମନ୍ଧର ସ୍ୱାମୀଙ୍କର ବୟସ (ଆୟୁ) ବର୍ତ୍ତମାନ ୧,୭୫,୦୦୦ ବର୍ଷ ଅଟେ। ସେ ମଧ୍ୟ ଋଷଭଦେବ ଭଗବାନଙ୍କ ପରି ଅଟନ୍ତି। ଋଷଭଦେବ ଭଗବାନ ସାରା ବ୍ରହ୍ମାଣ୍ଡର ଭଗବାନ କୁହାଯାଆନ୍ତି। ସେହିପରି ଇଏ ମଧ୍ୟ ସାରା ବ୍ରହ୍ମାଣ୍ଡର ଭଗବାନ ଅଟନ୍ତି। ସେ ଆମର ଏଠାରେ ନାହାନ୍ତି କିନ୍ତୁ ଅନ୍ୟଭୂମିରେ, ମହାବିଦେହ କ୍ଷେତ୍ରରେ ଅଛନ୍ତି ଯେଉଁଠିକୁ ମନୁଷ୍ୟ ଯାଇପାରିବ ନାହିଁ। ଜ୍ଞାନୀ (ଙ୍କୁ ଯଦି ଭଗବାନଙ୍କ ଠାରୁ କିଛି ପ୍ରଶ୍ନର ଉତ୍ତର ପଚ଼ରିବାର ଅଛି) ନିଜର ଶକ୍ତି ସେଠାକୁ ପଠାନ୍ତି, ତାହା ପଚାରି କରି ଆସେ। ସେଠାକୁ ଏହି ସ୍ଥୁଳ ଦେହ ସହିତ ଯାଇପାରିବା ନାହିଁ, ମାତ୍ର ସେଠାରେ ଜନ୍ମ ହେବା ପରେ ଯାଇପାରିବା। ଯଦି ଏଠାରୁ ସେଠାର ଭୂମିକୁ ଯିବା ପାଇଁ ଉପଯୁକ୍ତ ହୋଇଯିବେ ତେବେ ସେଠାରେ ଜନ୍ମ ମଧ୍ୟ ହୋଇଥାଏ।

ପ୍ରାୟ ଅଢ଼େଇ ହଜାର ବର୍ଷ ହେବ, ଆମର ଏଠାରେ ଭରତ କ୍ଷେତ୍ରରେ ତୀର୍ଥଙ୍କରଙ୍କ ଜନ୍ମ ହେବା ବର୍ତ୍ତମାନ ପାଇଁ ବନ୍ଦ୍ ହୋଇଯାଇଛି। ତୀର୍ଥଙ୍କର ଅର୍ଥାତ୍ ଚରମ, 'ଫୁଲ ମୁନ୍' (ପୂର୍ଣ୍ଣ ଚନ୍ଦ୍ର)। ମାତ୍ର ସେଠାରେ ମହାବିଦେହ କ୍ଷେତ୍ରରେ ସବୁବେଳ ପାଇଁ ତୀର୍ଥଙ୍କର ରୁହନ୍ତି। ସୀମନ୍ଧର ସ୍ୱାମୀ ସେଠାରେ ଆଜି ମଧ୍ୟ ଜୀବିତ ଅଛନ୍ତି। ଆମ ପରି ହିଁ ଦେହ ଅଟେ, ସବୁ କିଛି ଅଟେ।

# (୧୨) 'ଅକ୍ରମ ମାର୍ଗ' ଖୋଲା ହିଁ ଅଛି

## ପଛରେ ଜ୍ଞାନୀମାନଙ୍କର ବଂଶାବଳୀ

ମୁଁ ମୋ ପଛରେ ଜ୍ଞାନୀମାନଙ୍କର ବଂଶାବଳୀ ଛାଡ଼ି ଦେଇଯିବି। ମୋର ଉତ୍ତରାଧିକାରୀ ଛାଡ଼ି ଦେଇଯିବି ଏବଂ ତାହାପରେ ଜ୍ଞାନୀମାନଙ୍କର ଲିଙ୍କ୍ ଚାଲୁ

ରହିବ । ସେଥିପାଇଁ ସଜୀବନ ମୂର୍ତ୍ତି ଖୋଜିବ । ତାହା ବିନା ସମାଧାନ ମିଳିପାରିବ ଏପରି ନୁହେଁ ।

ମୁଁ ତ' କିଛି ଲୋକଙ୍କୁ ନିଜ ହାତରେ ସିଦ୍ଧି ପ୍ରଦାନ କରିବାକୁ ଯାଉଛି । ପଛରେ କେହି ଦରକାର କି ନାହିଁ ? ପଛରେ ଲୋକଙ୍କୁ ମାର୍ଗ ତ' ଦରକାର ନା' ?

## ଯାହାକୁ ଜଗତ ସ୍ୱୀକାର କରିବ, ତା'ର ଚାଲିବ

**ପ୍ରଶ୍ନକର୍ତ୍ତା :** ଆପଣ କହୁଛନ୍ତି ଯେ ମୋ ପଛରେ ଚାଳିଶ-ପଚାଶ ହଜାର କାନ୍ଦିବାବାଲା ଥିବେ ମାତ୍ର ଶିଷ୍ୟ ଜଣେ ମଧ୍ୟ ନ ଥିବ । ଏଥିରେ ଆପଣ କ'ଣ କହିବା ପାଇଁ ଚାହୁଁଛନ୍ତି ?

**ଦାଦାଶ୍ରୀ :** ମୋର ଶିଷ୍ୟ କେହି ନଥିବେ । ଏହା କୌଣସି ଗାଦି ନୁହେଁ । ଗାଦି ହେବ ତେବେ ଉତ୍ତରାଧିକାରୀ ହେବନା ! କେହି ସମ୍ପର୍କୀୟ ରୂପରେ ଉତ୍ତରାଧିକାରୀ ହେବା ପାଇଁ ଆସିବ ନା' ! ଏଠାରେ ତ' ଯିଏ ସ୍ୱୀକାର୍ଯ୍ୟ ହେବ, ତା'ର ଚାଲିବ । ଯିଏ ସମସ୍ତଙ୍କର ଶିଷ୍ୟ ହେବ, ତା'ର କାମ ହେବ । ଏଠାରେ ତ' ଲୋକେ ଯାହାକୁ ସ୍ୱୀକାର କରିବେ, ତା'ର ଚାଲିବ । ଯିଏ ଲଘୁତମ ହେବ, ତା'କୁ ଜଗତ ସ୍ୱୀକାର କରିବ ।

# (୧୩) ଆତ୍ମଦୃଷ୍ଟି ହେବା ପଶ୍ଚାତ...

## ଆତ୍ମପ୍ରାପ୍ତିର ଲକ୍ଷଣ

'ଜ୍ଞାନ' ମିଳିବା ପୂର୍ବରୁ ଆପଣ ଚନ୍ଦୁଲାଲ ଥିଲେ ଏବଂ ଏବେ ଜ୍ଞାନ ନେବା ପରେ ଶୁଦ୍ଧାତ୍ମା ହୋଇଗଲେ, ତେବେ ଅନୁଭବରେ କିଛି ଫରକ୍ (ତଫାତ୍) ଲାଗୁଛି କି ?

**ପ୍ରଶ୍ନକର୍ତ୍ତା :** ହଁ ଆଜ୍ଞା ।

**ଦାଦାଶ୍ରୀ :** 'ମୁଁ ଶୁଦ୍ଧାତ୍ମା ଅଟେ', ଏହି ଭାନ୍ (ଲକ୍ଷ୍ୟ) ଆପଣଙ୍କୁ କେତେ ସମୟ ରହୁଛି ?

**ପ୍ରଶ୍ନକର୍ତ୍ତା :** ଏକାନ୍ତରେ ଏକୁଟିଆ ବସିଥିଲାବେଳେ ।

**ଦାଦାଶ୍ରୀ :** ହଁ । ପୁଣି କେଉଁ ଭାବ ରହିଥାଏ ? ଆପଣଙ୍କୁ କେବେ ଏପରି ଭାବ ରହୁଛି କି ଯେ 'ମୁଁ ଚନ୍ଦୁଭାଇ ଅଟେ' ? ଆପଣଙ୍କୁ ରିଅଲି 'ମୁଁ ଚନ୍ଦୁଭାଇ ଅଟେ' ଏପରି ଭାବ କେବେ ହୋଇଥିଲା କି ?

**ପ୍ରଶ୍ନକର୍ତ୍ତା :** ଜ୍ଞାନ ନେବାପରେ ହୋଇନାହିଁ ।

**ଦାଦାଶ୍ରୀ :** ତେବେ ଆପଣ ଶୁଦ୍ଧାତ୍ମା ହିଁ ଅଟନ୍ତି । ମନୁଷ୍ୟକୁ ଗୋଟିଏ ହିଁ ଭାବ ରହିପାରିବ । ଅର୍ଥାତ୍ 'ମୁଁ ଶୁଦ୍ଧାତ୍ମା ଅଟେ' ଏହା ଆପଣଙ୍କୁ ନିରନ୍ତର ହିଁ ରହୁଛି ।

**ପ୍ରଶ୍ନକର୍ତ୍ତା :** ମାତ୍ର ବହୁବାର ବ୍ୟବହାରରେ ଶୁଦ୍ଧାତ୍ମାର ଭାନ୍ ରହୁନାହିଁ ।

**ଦାଦାଶ୍ରୀ :** ତେବେ କ'ଣ 'ମୁଁ ଚନ୍ଦୁଭାଇ ଅଟେ' ଏପରି ଧ୍ୟାନ ରହୁଛି ? ତିନି ଘଣ୍ଟା ପାଇଁ ଶୁଦ୍ଧାତ୍ମାର ଧ୍ୟାନ ରହିଲା ନାହିଁ ଏବଂ ତିନ ଘଣ୍ଟା ପରେ ପଚରାଯାଏ, 'ଆପଣ ଚନ୍ଦୁଭାଇ ଅଟନ୍ତି ନା ଶୁଦ୍ଧାତ୍ମା ଅଟନ୍ତି ?' ସେତେବେଳେ କ'ଣ କହିବେ ?

**ପ୍ରଶ୍ନକର୍ତ୍ତା :** ଶୁଦ୍ଧାତ୍ମା ।

**ଦାଦାଶ୍ରୀ :** ଅର୍ଥାତ୍ ସେହି ଧ୍ୟାନ ଥିଲା ହିଁ । କୌଣସି ସେଠ୍, ସେ ମଦ ପିଇଥିବେ, ସେହି ସମୟରେ ତା'ଙ୍କ ସବୁ ଧ୍ୟାନ ଚାଲିଯାଇଥାଏ, ମାତ୍ର ମଦର ନିଶା ଛାଡ଼ିଯିବା ପରେ... ?

**ପ୍ରଶ୍ନକର୍ତ୍ତା :** ପୁଣି ଜାଗୃତ ହୋଇଯିବେ ।

**ଦାଦାଶ୍ରୀ :** ସେହିପରି ଏହା ମଧ୍ୟ ଅଲଗା, ବାହାରର ପ୍ରଭାବ ଅଟେ ।

ମୁଁ ଯଦି ପଚାରେ,ବାସ୍ତବରେ ଆପଣ 'ଚନ୍ଦୁଭାଇ' ଅଟନ୍ତି ନା 'ଶୁଦ୍ଧାତ୍ମା' ଅଟନ୍ତି ? ଆପଣ କୁହନ୍ତି ଯେ 'ଶୁଦ୍ଧାତ୍ମା' । ଦ୍ୱିତୀୟ ଦିନ ଆପଣଙ୍କୁ ପଚାରେ ଯେ 'ଆପଣ ବାସ୍ତବରେ କିଏ ?' ତେବେ ଆପଣ କୁହନ୍ତି 'ଶୁଦ୍ଧାତ୍ମା' । ପାଞ୍ଚ ଦିନ ପର୍ଯ୍ୟନ୍ତ ମୁଁ ପଚାରି ଚାଲିଥାଏ, ଏହାପରେ ମୁଁ ବୁଝିଯାଏ ଯେ ଆପଣଙ୍କର ଚାବି ମୋ ପାଖରେ ଅଛି । ତାହାପରେ ଅଭିଯୋଗ କଲେ ମଧ୍ୟ ମୁଁ ଶୁଣିବି ନାହିଁ । ଆପଣ ଚିଲାଉଥା'ନ୍ତୁ ପଛେ ।

## ମିଳିଲା ଅପୂର୍ବ ଭାନ୍ (ଲକ୍ଷ୍ୟ)

ଶ୍ରୀମଦ୍ ରାଜଚନ୍ଦ୍ରଜୀ କ'ଣ କୁହନ୍ତି ଯେ,

'ସଦ୍‌ଗୁରୁ କେ ଉପଦେଶ ସେ ଆୟା ଅପୂର୍ବ ଭାନ୍,
ନିଜପଦ, ନିଜ ମାହୀ ମିଲା, ଦୁର ଭୟା ଅଜ୍ଞାନ ।'

ପୂର୍ବରୁ ଦେହଧ୍ୟାସର ହିଁ ଭାନ୍ ଥିଲା । ପୂର୍ବରୁ ଦେହାଧ୍ୟାସ ରହିତ ଭାନ୍ ମୋର ନଥିଲା । ସେହି ଅପୂର୍ବ ଭାନ୍, ସେହି ଆତ୍ମାର ଭାନ୍ ମୋତେ ହୋଇଗଲା । ଯାହା 'ନିଜ'ର ନିଜପଦ ଥିଲା ଯେ 'ମୁଁ ଚନ୍ଦୁଭାଇ'ଏପରି କହୁଥିଲା, ସେହି 'ମୁଁ' ଏବେ ନିଜ ମଧ୍ୟରେ ମିଶିଗଲା । ଯାହା ନିଜପଦ ଥିଲା, ତାହା ନିଜ ମଧ୍ୟରେ ମିଶିଗଲା ଏବଂ ଯାହା ଅଜ୍ଞାନ ଥିଲା ଯେ 'ମୁଁ ଚନ୍ଦୁଭାଇ' ଏହି ଅଜ୍ଞାନ ଦୂର ହୋଇଗଲା ।

## ତାହାକୁ କୁହାଯାଏ ଦେହାଧ୍ୟାସ

ଜଗତ ଦେହାଧ୍ୟାସରୁ ମୁକ୍ତ ହୋଇପାରିବ ନାହିଁ ଏବଂ ନିଜ ସ୍ୱରୂପରେ ରହିପାରିବ ନାହିଁ । ଆପଣ ସ୍ୱରୂପରେ ରହିଲେ ଅର୍ଥାତ୍ ଅହଂକାର ଗଲା, ମମତା ଗଲା । 'ମୁଁ ଚନ୍ଦୁଭାଇ ଅଟେ' ଏହାକୁ ଦେହାଧ୍ୟାସ କୁହାଯାଏ ଏବଂ ଯେବେଠୁ 'ମୁଁ ଶୁଦ୍ଧାତ୍ମା ଅଟେ' ଏହି ଲକ୍ଷ୍ୟ ଆସିଲା, ସେବେଠୁ କୌଣସି ପ୍ରକାରର ଅଧ୍ୟାସ (ଭ୍ରାନ୍ତିମୟ ପ୍ରତୀତି) ରହିଲା ନାହିଁ । ଏବେ କିଛି ବାକି ରହିଲା ନାହିଁ । ତଥାପି ମଧ୍ୟ କିଛି ଭୂଲ୍‌ଭାଲ୍ ହୋଇଗଲେ ଟିକେ ଘୁଟନ୍ (ଭିତରେ କଷ୍ଟ) ଅନୁଭବ ହୋଇପାରେ।

## ଶୁଦ୍ଧାତ୍ମା ପଦ ଶୁଦ୍ଧ ହିଁ ଅଟେ

ଏହି 'ଜ୍ଞାନ' ନେଲା ପରେ ପୂର୍ବରୁ ଯେଉଁ ଭ୍ରାନ୍ତି ଥିଲା ଯେ 'ମୁଁ କରୁଛି', ସେହି ଭାନ୍ ଦୂର ହୋଇଗଲା । 'ଶୁଦ୍ଧ ହିଁ ଅଟେ',ଏହି ଭାନ୍ ରହିବା ପାଇଁ 'ଶୁଦ୍ଧାତ୍ମା' କହିଲି । କାହା ସହିତ ଯାହା ମଧ୍ୟ ହୋଇଯାଉ, 'ଚନ୍ଦୁଭାଇ' ଅନ୍ୟକୁ ଗାଳି ଦେଉ, ତଥାପି ଆପଣ ଶୁଦ୍ଧ ଅଟନ୍ତି । ପରେ 'ଆମେ' ଚନ୍ଦୁଭାଇକୁ କହିବା ଦରକାର ଯେ 'ଭାଇ, କାହାକୁ ଦୁଃଖ ପହଞ୍ଚିଲା ଭଳି ଅତିକ୍ରମଣ କାହିଁକି କରୁଛ ? ସେଥିପାଇଁ ପ୍ରତିକ୍ରମଣ କର ।'

କାହାକୁ ଦୁଃଖ ପହଞ୍ଚିଲା ଭଳି ଏପରି କିଛି କହି ଦେଇଥିବେ, ତେବେ ତାହାକୁ 'ଅତିକ୍ରମଣ କଲେ' ବୋଲି କୁହାଯାଏ । ତାହାର ପ୍ରତିକ୍ରମଣ କରିବା ଉଚିତ୍ ।

ପ୍ରତିକ୍ରମଣ, ଅର୍ଥାତ୍ ଆପଣ ନିଜେ ବୁଝିପାରିଲା ଭଳି, ତା'ଙ୍କୁ କ୍ଷମା ମାଗିବା ଦରକାର । ଦୋଷ କଲି, ଏହା ମୁଁ ବୁଝିପାରିଲି ଏବଂ ଏବେ ଆଉ ଏପରି ଦୋଷ କରିବି ନାହିଁ, ଏପରି ନିଶ୍ଚୟ କରିବା ଉଚିତ୍ । ଏପରି କଲି, ତାହା ଭୂଲ୍ ଅଟେ, ଏପରି ହେବା ଉଚିତ୍ ନୁହେଁ । ଦ୍ୱିତୀୟ ଥର ଏପରି କରିବି ନାହିଁ, ଏପରି ପ୍ରତିଜ୍ଞା କରନ୍ତୁ । ତଥାପି ଦ୍ୱିତୀୟଥର ସେହି ଦୋଷ ଯଦି ହୋଇଯାଏ, ତେବେ ପୁଣିଥରେ ପଶ୍ଚାତାପ କରନ୍ତୁ । ଦୋଷ ଦେଖାଯିବା ମାତ୍ରେ ସେମାନଙ୍କର ପଶ୍ଚାତାପ କଲେ, ସେତିକି ଦୋଷ କମ୍ ହୋଇଯିବ । ଏପରି କରୁ କରୁ ଶେଷରେ ସମସ୍ତ ଦୋଷ ଧିରେ ଧିରେ କ୍ଷୟ ହୋଇଯିବ ।

**ପ୍ରଶ୍ନକର୍ତ୍ତା :** କୌଣସି ବ୍ୟକ୍ତିର ପ୍ରତିକ୍ରମଣ କିପରି କରିବା ଉଚିତ୍ ?

**ଦାଦାଶ୍ରୀ :** ମନ-ବଚନ-କାୟା, ଭାବକର୍ମ-ଦ୍ରବ୍ୟକର୍ମ-ନୋକର୍ମ, (ସେହି ବ୍ୟକ୍ତିଙ୍କର) ନାମ ଏବଂ ତା'ଙ୍କ ନାମର ସର୍ବମାୟାରୁ, ଭିନ୍ନ ଏପରି ତା'ଙ୍କର ଶୁଦ୍ଧାତ୍ମାଙ୍କୁ ମନେପକାନ୍ତୁ, ଏବଂ ପୁଣି ଯାହା କିଛି ଭୂଲ୍ ହୋଇଯାଇଛି ତାହା ମନେ ପକାନ୍ତୁ (ଆଲୋଚନା), ସେହି ଭୂଲ୍ ପାଇଁ ମୁଁ ପଶ୍ଚାତାପ କରୁଛି ଏବଂ ସେଥିପାଇଁ ମୋତେ କ୍ଷମା କରନ୍ତୁ (ପ୍ରତିକ୍ରମଣ), ଆଉ ଏପରି ଭୂଲ୍ ହେବ ନାହିଁ ଏପରି ଦୃଢ଼ ନିଶ୍ଚୟ କରୁଛି, ଏପରି ସ୍ଥିର କରନ୍ତୁ (ପ୍ରତ୍ୟାଖ୍ୟାନ) । 'ଆପଣ' ନିଜେ 'ଚନ୍ଦୁଭାଇ'ର ଜ୍ଞାତା-ଦ୍ରଷ୍ଟା ରହିବେ ଓ ଜାଣିବେ ଯେ 'ଚନ୍ଦୁଭାଇ' କେତେ ପ୍ରତିକ୍ରମଣ କଲେ, କେତେ ସୁନ୍ଦର କଲେ, ଏବଂ କେତେ ଥର କଲେ ।

## ପ୍ରଜ୍ଞା ଭିତରୁ ସାବଧାନ କରାଏ

ଏହା ବିଜ୍ଞାନ ଅଟେ ଏଥିପାଇଁ ଆମକୁ ଏହାର ଅନୁଭବ ହେଉଛି ଏବଂ ଭିତରୁ ହିଁ ସାବଧାନ କରୁଛି । କ୍ରମିକରେ ତ' ଆମକୁ କରିବାକୁ ପଡ଼େ ଆଉ ଏଠାରେ ଭିତରୁ ହିଁ ଚେତାଇ ଥାଏ ।

**ପ୍ରଶ୍ନକର୍ତ୍ତା :** ଏବେ ଭିତରୁ ଚେତାବନୀ ମିଳୁଛି ଏପରି ଅନୁଭବ ହେଉଛି ।

**ଦାଦାଶ୍ରୀ :** ଏବେ ଆମକୁ ଏହି ମାର୍ଗ ମିଳିଗଲା ଏବଂ ଶୁଦ୍ଧାତ୍ମାର ଯେଉଁ ବାଉଣ୍ଡ୍ରି (ସୀମା-ରେଖା) ଅଛି, ତାହାର ପ୍ରଥମ କବାଟ ମଧ୍ୟକୁ ପ୍ରବେଶ ମିଳିଗଲା, ଯେଉଁଠାରୁ କେହି ବାହାର କରିପାରିବେ ନାହିଁ। କାହାରିକୁ  ବାହାର କାରିବାର ଅଧିକାର ନାହିଁ, ଏପରି ସ୍ଥାନରେ ଆପଣ ପ୍ରବେଶ ପାଇଛନ୍ତି।

ବାରମ୍ବାର କିଏ ଆମକୁ ସଚେତନ କରାଏ ? ପ୍ରଜ୍ଞା ! ଜ୍ଞାନ ପ୍ରାପ୍ତି ବିନା ପ୍ରଜ୍ଞାର ପ୍ରାରମ୍ଭ ହୁଏ ନାହିଁ। ନଚେତ୍ ପୁଣି  ସମକିତ୍ ପ୍ରାପ୍ତ ହୋଇଥିଲେ ହିଁ ପ୍ରଜ୍ଞାର ପ୍ରାରମ୍ଭ ହୋଇଥାଏ। ସମକିତ୍‌ରେ ପ୍ରଜ୍ଞାର ଆରମ୍ଭ କେଉଁପରି ହୋଇଥାଏ ? ଦ୍ୱିତୀୟା ଚାନ୍ଦ ପରି ଆରମ୍ଭ ହୋଇଥାଏ, କିନ୍ତୁ ଏଠାରେ ତ' ଆମର ପୂର୍ଣ୍ଣ ପ୍ରଜ୍ଞା ଉତ୍ପନ୍ନ ହୋଇଯାଏ। ଫୁଲ୍ (ପୂର୍ଣ୍ଣ) ପ୍ରଜ୍ଞା ଅର୍ଥାତ୍ ତାହା ମୋକ୍ଷରେ ହିଁ ନେଇଯିବା ପାଇଁ ସାବଧାନ କରେ। ଭରତ ରାଜାଙ୍କୁ ତ' ଚେତାଇବା ପାଇଁ ଚାକର ରଖିବାକୁ ପଡୁଥିଲା। ଯିଏ ପ୍ରତି ପନ୍ଦର ମିନିଟରେ ଥରେ ଆୱାଜ୍ ଦେଉଥିଲେ 'ଭରତ ରାଜା ! ଚେତ୍, ଚେତ୍, ଚେତ୍ !!!' ତିନିଥର ଆୱାଜ୍ ଲଗାଉଥିଲେ। ଦେଖନ୍ତୁ, ଆପଣଙ୍କୁ ତ' ଭିତରରୁ ହିଁ ପ୍ରଜ୍ଞା ଚେତାଇ ଦେଉଥାଏ। ପ୍ରଜ୍ଞା ନିରନ୍ତର ଚେତାଇ ଦେଉଥାଏ, ଯେ 'ଏହା, ଏପରି ନୁହେଁ'। ଦିନସାରା ଚେତାଇ ଦେଉଥାଏ ଏବଂ ଏହା ହିଁ ଆତ୍ମାର ଅନୁଭବ ! ନିରନ୍ତର, ସାରାଦିନ ଆତ୍ମାର ଅନୁଭବ।

## ଭିତରେ ଅନୁଭବ ରୁହେ ହିଁ

ଯେଉଁଦିନ ମୁଁ ଜ୍ଞାନ ଦିଏ, ସେହି ରାତିରେ ଯେଉଁ ଅନୁଭବ ହୁଏ, ତାହା ଯାଏ ନାହିଁ। କିପରି ଯିବ ? ! ମୁଁ ଯେଉଁ ଦିନ ଜ୍ଞାନ ଦେଇଥିଲି, ସେହି ରାତିର ଯେଉଁ ଅନୁଭବ ଥିଲା ତାହା ସବୁଦିନ ପାଇଁ ଅଟେ। କିନ୍ତୁ ପୁନଃ ଆପଣଙ୍କର କର୍ମ ଘେରିନିଅନ୍ତି। ପୂର୍ବକର୍ମ, ଯାହା ଭୋଗିବା ପାଇଁ ବାକି ଅଛି, ସେହି 'ମାଗିବାବାଲା' ଘେରିନିଅନ୍ତି, ସେଥିରେ ମୁଁ କ'ଣ କରିବି ?

**ପ୍ରଶ୍ନକର୍ତ୍ତା :** ଦାଦାଜୀ, କିନ୍ତୁ ଏବେ ଏତେ ଭୋଗବଟା (ସୁଖ ବା ଦୁଃଖର ପ୍ରଭାବ, ଭୋଗିବା) ଲାଗୁନାହିଁ।

**ଦାଦାଶ୍ରୀ :** ନା' ଯଦି ତାହା ଲାଗୁନାହିଁ ତେବେ ତାହା ଅଲଗା କଥା, କିନ୍ତୁ ମାଗିବାବାଲା ଅଧିକ ଥିବେ, ତେବେ ତା'କୁ ଅଧିକ ଘେରିନିଅନ୍ତି । ପାଞ୍ଚ ବାଲାଙ୍କୁ ପାଞ୍ଚଟି, ଦୁଇ ବାଲାଙ୍କୁ ଦୁଇଟି ଏବଂ କୋଡ଼ିଏ ବାଲାକୁ କୋଡ଼ିଏଟି । ମୁଁ ତ' ଆପଣଙ୍କୁ ଶୁଦ୍ଧାତ୍ମା ପଦରେ ବସାଇଦେଲି, ମାତ୍ର ପୁଣି ଯେବେ ପରଦିନରୁ ମାଗିବାବାଲା ଆସନ୍ତି ତେବେ ଟିକେ ସଫୋକେସନ୍ ହେବ ।

## ଏବେ ରହିଲା କ'ଣ ବାକି ?

ତାହା କ୍ରମିକ ବିଜ୍ଞାନ ଅଟେ ଏବଂ ଏହା ଅକ୍ରମ ବିଜ୍ଞାନ ଅଟେ । ଏହି ଜ୍ଞାନ ତ' ବୀତରାଗମାନଙ୍କର ହିଁ ଅଟେ । ଜ୍ଞାନରେ ଅନ୍ତର ନାହିଁ । ମୋର ଜ୍ଞାନ ପାଇ ଆପଣଙ୍କୁ ଆତ୍ମା ଅନୁଭବ ହୋଇଯିବାପରେ, ଆଉ କେଉଁ କାମ ବାକି ରହିଯାଏ ? ଜ୍ଞାନୀ ପୁରୁଷଙ୍କ 'ଆଜ୍ଞା'ର ପାଳନ । 'ଆଜ୍ଞା' ହିଁ ଧର୍ମ ଏବଂ 'ଆଜ୍ଞା' ହିଁ ତପ । ଏବଂ ମୋର ଆଜ୍ଞା ସଂସାର (ବ୍ୟବହାର)ରେ କିଞ୍ଚିତ ମାତ୍ର ମଧ୍ୟ ବାଧକ ହୋଇ ନ'ଥାଏ । ସଂସାରରେ ରହି ମଧ୍ୟ ସଂସାର ସ୍ପର୍ଷ କରେ ନାହିଁ, ଏପରି ଅଟେ ଏହି ଅକ୍ରମ ବିଜ୍ଞାନ ।

ଯଦି ଏକାବତାରୀ ହେବାର ଅଛି ତେବେ ମୋର କହିବା ଅନୁଯାୟୀ ଆଜ୍ଞାରେ ଚାଲନ୍ତୁ ନା' ! ତେବେ ଏହି ବିଜ୍ଞାନ ଏକାବତାରୀ ଅଟେ । ଏହି ବିଜ୍ଞାନ ଅଛି ତଥାପି ଏଠାରୁ (ଭରତ କ୍ଷେତ୍ରରୁ) ସିଧା ମୋକ୍ଷକୁ ଯାଇପାରିବେ, ଏପରି (ସମ୍ଭବ) ନୁହେଁ ।

## ମୋକ୍ଷ ମାର୍ଗରେ ଆଜ୍ଞା ହିଁ ଧର୍ମ...

ଯାହାକୁ ମୋକ୍ଷରେ ଯିବାର ଅଛି, ତା'କୁ କ୍ରିୟାର ଆବଶ୍ୟକ ନା ନାହିଁ । ଯାହାକୁ ଦେବଗତିରେ ଯିବାର ଅଛି, ଭୌତିକ ସୁଖର କାମନା ଅଛି, ତା'କୁ କ୍ରିୟାର ଆବଶ୍ୟକତା ଥାଏ । ମୋକ୍ଷରେ ଯିବାର ଅଛି, ତା'କୁ ତ' ଜ୍ଞାନ ଏବଂ ଜ୍ଞାନୀର ଆଜ୍ଞା, ଏହି ଦୁଇଟିର ଆବଶ୍ୟକତା ଅଛି ।

ମୋକ୍ଷ ମାର୍ଗରେ ତପ-ତ୍ୟାଗ କିଛି ମଧ୍ୟ କରିବାର ନଥାଏ । ମାତ୍ର ଯଦି ଜ୍ଞାନୀପୁରୁଷ ମିଳିଯାଆନ୍ତି ତେବେ ଜ୍ଞାନୀଙ୍କର ଆଜ୍ଞା ହିଁ ଧର୍ମ ଆଜ୍ଞା ହିଁ ତପ ଏବଂ ଏହା ହିଁ ଜ୍ଞାନ, ଦର୍ଶନ, ଚାରିତ୍ର ଏବଂ ତପ ଅଟେ, ଯାହାର ପ୍ରତ୍ୟକ୍ଷ ଫଳ ମୋକ୍ଷ ଅଟେ ।

# ‘ଜ୍ଞାନୀ’ଙ୍କ ପାଖରେ ପଡ଼ି ରୁହନ୍ତୁ

ଜ୍ଞାନୀଙ୍କ ଉପରେ କେବେ ବି ପ୍ରେମ ଭାବ ଆସିନାହିଁ। ଜ୍ଞାନୀଙ୍କ ପ୍ରତି ପ୍ରେମଭାବ ଆସିବ, ସେବେଠୁ ସବୁ ସମାଧାନ ମିଳିଯିବ। ପ୍ରତ୍ୟେକ ଜନ୍ମରେ ସ୍ତ୍ରୀ-ପିଲାଙ୍କ ଛଡ଼ା ଆଉ କିଛି ହୁଏ ହିଁ ନାହିଁ ନା’ !

ଭଗବାନ କହିଛନ୍ତି ଯେ ଜ୍ଞାନୀ ପୁରୁଷଙ୍କଠାରୁ ସମକିତ୍ ପ୍ରାପ୍ତ ହେଲା ପରେ ଜ୍ଞାନୀପୁରୁଷଙ୍କ ପଛରେ ଲାଗି ରହନ୍ତୁ।

**ପ୍ରଶ୍ନକର୍ତ୍ତା :** କେଉଁ ଅର୍ଥରେ ପଛରେ ଲାଗି ରହିବା ଦରକାର ?

**ଦାଦାଶ୍ରୀ :** ପଛରେ ଲାଗି ରହିବା ଅର୍ଥାତ୍ ଏହି ଜ୍ଞାନ ମିଳିବା ପଶ୍ଚାତ ଆଉ କିଛି ଆରାଧନା ହୁଏ ନାହିଁ। କିନ୍ତୁ, ଏହାତ’ ଆମେ ଜାଣିଛୁ ଯେ ଏହା ଅକ୍ରମ ଅଟେ। ଏହି ଲୋକ ତ’ ଅଗଣିତ ‘ଫାଇଲ୍’ନେଇ ଆସିଛନ୍ତି। ସେଥିପାଇଁ ଆପଣଙ୍କୁ ଫାଇଲ୍‌ମାନଙ୍କ ଖାତିର୍ ମୁକ୍ତ ରଖିଛି କିନ୍ତୁ ତାହର ଅର୍ଥ ଏପରି ନୁହେଁ ଯେ କାର୍ଯ୍ୟ ପୂରଣ ହୋଇଗଲା। ଆଜି-କାଲି ଫାଇଲ୍ ବହୁତ ଅଛନ୍ତି, ସେଥିପାଇଁ ଯଦି ଆପଣଙ୍କୁ ଏଠାରେ ମୋ ପାଖରେ ରଖିବି ତେବେ ଆପଣଙ୍କର ‘ଫାଇଲ୍‌ମାନେ’ ଡାକିବା ପାଇଁ ଆସିଯିବେ। ସେଥିପାଇଁ ଛାଡ୍ ଦେଇଛି ଯେ ଘରକୁ ଯାଇ ଫାଇଲ୍‌ମାନଙ୍କର ସମଭାବରେ ନିକାଲ୍ (ନିପ୍‌ଟାରା ବା ସମାପନ) କରନ୍ତୁ। ନହେଲେ ତ’ ପୁଣି ଜ୍ଞାନୀଙ୍କଠାରେ ହିଁ ପଡିରହିବା ଦରକାର।

ବାକି, ମୋଠାରୁ ଯଦି ପୂର୍ଣ ରୂପରେ ଲାଭ ନ ନିଆଯାଏ, ତେବେ ଏହା ନିରନ୍ତର ରାତି-ଦିନ ମନରେ ଆସିବା ଦରକାର। ଯଦିବା ଫାଇଲ୍ ଅଛନ୍ତି କିନ୍ତୁ ଜ୍ଞାନୀପୁରୁଷ କହିଛନ୍ତି ନା’, ଆଜ୍ଞା ଦେଇଛନ୍ତି ନା’ ଯେ, ଫାଇଲଙ୍କୁ ସମଭାବରେ ନିକାଲ୍(ନିପ୍‌ଟାରା) କରନ୍ତୁ, ସେହି ଆଜ୍ଞା ହିଁ ଧର୍ମ ଅଟେ ନା ? ତାହା ତ’ ଆମର ଧର୍ମ ଅଟେ। କିନ୍ତୁ ଏହା ତ’ ମନରେ ଆସିବା ଦରକାର ହିଁ ଯେ ଏପରି ଫାଇଲ୍ କମ୍ ହେଉ, ଯାହାଫଳରେ ମୁଁ ଲାଭ ଉଠାଇ ପାରିବି।

## ତା'କୁ ତ' ମହାବିଦେହ କ୍ଷେତ୍ର ସାମ୍ନାରେ ଆସିବ

ଯାହାକୁ ଶୁଦ୍ଧାତ୍ମାର ଲକ୍ଷ୍ୟ ଆସିଯାଇଛି, ସିଏ ଏଠାରେ ଭରତ କ୍ଷେତ୍ରରେ ରହି ପାରିବ ହିଁ ନାହିଁ। ଯାହାକୁ ଆତ୍ମାର ଲକ୍ଷ୍ୟ ବସିଯାଇଛି, ସିଏ ମହାବିଦେହ କ୍ଷେତ୍ରରେ ପହଞ୍ଚି ହିଁ ଯିବ, ଏପରି ନିୟମ ଅଟେ। ଏଠାରେ ଏହି ଦୁଷମକାଳରେ ରହି ପାରିବ ହିଁ ନାହିଁ। ଯାହାଙ୍କୁ ଏହି ଶୁଦ୍ଧାତ୍ମାର ଲକ୍ଷ୍ୟ ଆସିଛି, ସେମାନେ ମହାବିଦେହ କ୍ଷେତ୍ରରେ ଗୋଟିଏ ଜନ୍ମ ଅଥବା ଦୁଇଟି ଜନ୍ମ ନେଇ, ତୀର୍ଥଙ୍କରଙ୍କ ଦର୍ଶନ କରି ମୋକ୍ଷରେ ଚାଲିଯିବେ, ଏପରି ସହଜ, ସରଳ ମାର୍ଗ ଏହା ଅଟେ ! ମୋର ଆଜ୍ଞାରେ ରୁହନ୍ତୁ। ଆଜ୍ଞା ହିଁ ଧର୍ମ ଏବଂ ଆଜ୍ଞା ହିଁ ତପ ! ସମଭାବରେ ନିକାଲ୍ କରିବାକୁ ପଡିବ। ସେହି ଯେଉଁ ଆଜ୍ଞା କହିଛି, ସେଥିରେ ଯେତିକି ରହିପାରିବେ ସେତିକି ରୁହନ୍ତୁ, ପୂର୍ଣ୍ଣ ରୂପରେ ରହିବେ ଯଦି ତେବେ ଭଗବାନ ମହାବୀରଙ୍କ ଦଶାରେ ରହିପାରିବେ। ଆପଣ 'ରିୟଲ' ଏବଂ 'ରିଲେଟିଭ୍' ଦେଖିଦେଖି ଚାଲନ୍ତୁ, ଆପଣଙ୍କର ଚିତ୍ତ ଅନ୍ୟ ସ୍ଥାନରେ ଭଟକିବ ନାହିଁ, କିନ୍ତୁ ସେହି ସମୟରେ ମନକୁ କିଛି ଆସିଲେ ଆପଣ ସମସ୍ୟାରେ ପଡ଼ିଯାଆନ୍ତି।

# (୧୪) ପାଞ୍ଚ ଆଜ୍ଞାର ମହତ୍ୱ

## 'ଜ୍ଞାନ'ର ପଶ୍ଚାତ କେଉଁ ସାଧନା

**ପ୍ରଶ୍ନକର୍ତ୍ତା :** ଏହି 'ଜ୍ଞାନ'ର ପଶ୍ଚାତ ଏବେ କେଉଁ ପ୍ରକାରର ସାଧନା କରିବା ଉଚିତ୍ ?

**ଦାଦାଶ୍ରୀ :** ସାଧନା ତ', ଏହି ପାଞ୍ଚ ଆଜ୍ଞାର ପାଳନ କରୁଛନ୍ତି ନା', ତାହା ହିଁ ! ଏବେ ଆଉ କୌଣସି ସାଧନା ନ ଥାଏ। ଅନ୍ୟ ସାଧନା ବନ୍ଧନକର୍ତ୍ତା ଅଟେ। ଏହି ପାଞ୍ଚ ଆଜ୍ଞା ମୁକ୍ତ କରାଇବ।

## ସମାଧି କରାଏ, ଏପରି ଆଜ୍ଞା

**ପ୍ରଶ୍ନକର୍ତ୍ତା :** ଏହି ଯେଉଁ ପାଞ୍ଚ ଆଜ୍ଞା ଅଛି, ଏହା ଛଡ଼ା ଆଉ ଅଧିକ କିଛି ଅଛି କି ?

**ଦାଦାଶ୍ରୀ :** ପାଞ୍ଚ ଆଜ୍ଞା ଆପଣଙ୍କ ପାଇଁ ଏକ ବାଡ଼ ଅଟେ, ଯାହା ଦ୍ୱାରା ଆପଣଙ୍କର ମାଲ୍ ଭିତରୁ କେହି ଚୋରାଇ ନେଇ ନଯାଏ । ଏହି ବାଡ଼ ରଖିବା ଦ୍ୱାରା ଆପଣଙ୍କ ଭିତରେ, ମୁଁ ଯାହା ଦେଇଛି ତାହା ଏକ୍‌ଜାକ୍ଟ, ଯେପରି ଅଟେ ସେହିପରି ରହିବ, ଏବଂ ଯଦି ବାଡ଼ ଢିଲା ହୋଇଯିବ ତେବେ କେହି ଭିତରେ ପଶି ବିଗାଡ଼ି ଦେବ । ସେତେବେଳେ ପୁଣି ମୋତେ ରିପେୟାର କରିବା ପାଇଁ ଆସିବାକୁ ପଡ଼ିବ । ସେଥିପାଇଁ ଏହି ପାଞ୍ଚ ଆଜ୍ଞାରେ ରହିବା ପର୍ଯ୍ୟନ୍ତ ନିରନ୍ତର ସମାଧିରେ ରହିବେ, ମୁଁ ଗ୍ୟାରେଣ୍ଟି ଦେଉଛି ।

ମୁଁ ପାଞ୍ଚଟି ବାକ୍ୟ ଆପଣଙ୍କୁ ପ୍ରୋଟେକ୍‌ସନ୍ (ସୁରକ୍ଷା) ପାଇଁ ଦେଉଛି । ଏହି ଜ୍ଞାନ ତ' ମୁଁ ଆପଣଙ୍କୁ ଦେଲି ଏବଂ 'ଭେଦଜ୍ଞାନ' ଦ୍ୱାରା 'ଅଲଗା' ମଧ୍ୟ କଲି । କିନ୍ତୁ ଏବେ ତାହା 'ଅଲଗା' ହିଁ ରହୁ, ସେଥିପାଇଁ ପ୍ରୋଟେକ୍‌ସନ୍ ଦେଉଛି କାରଣ ଏହି କାଳ ଯାହା କଳିଯୁଗ ଅଟେ, ଏହି କଳିଯୁଗ ବାଲା ତା'କୁ ଲୁଟି ନ ନିଅନ୍ତୁ । 'ବୋଧବୀଜ' ଅଙ୍କୁରିତ ହେଲାପରେ ପାଣି ଆଦି ସବୁ ଛିଞ୍ଚିବାକୁ ତ ପଡିବ ନା ? ବାଡ଼ କରିବାକୁ ପଡିବ ନା ନାହିଁ ?

## ଦୃଢ଼ ନିଶ୍ଚୟ ହିଁ ଆଜ୍ଞାର ପାଳନ କରାଇବ

ଦାଦାଜୀଙ୍କ ଆଜ୍ଞାର ପାଳନ କରିବାର ଅଛି, ଏହା ହିଁ ସବୁଠାରୁ ବଡ଼କଥା ଅଟେ । ମୋର ଆଜ୍ଞା ପାଳନ କରିବାର ନିଶ୍ଚୟ କରିବା ଦରକାର । ଆପଣଙ୍କୁ ଏହା ଦେଖିବାର ନାହିଁ ଯେ ଆଜ୍ଞାର ପାଳନ ହେଉଅଛି ନା' ନାହିଁ । ଆଜ୍ଞାର ପାଳନ ଯେତିକି ହୋଇପାରୁଛି ସେତିକି ଠିକ୍, କିନ୍ତୁ ଆମେ ନିଶ୍ଚୟ କରିବା ଦରକାର ଯେ ଆଜ୍ଞାର ପାଳନ କରିବାର ଅଛି ।

**ପ୍ରଶ୍ନକର୍ତ୍ତା :** ଅଳ୍ପ-ବହୁତ ପାଳନ ହେବ ଯଦି, ସେଥିରେ କିଛି ଅସୁବିଧା ନାହିଁ ତ' ?

**ଦାଦାଶ୍ରୀ :** 'ଅସୁବିଧା ନାହିଁ', ଏପରି ନୁହେଁ । ଆପଣ ନିଶ୍ଚୟ କରନ୍ତୁ ଯେ ଆଜ୍ଞାର ପାଳନ କରିବାର ହିଁ ଅଛି । ସକାଳୁ ହିଁ ନିଶ୍ଚୟ କରିବ ଯେ 'ପାଞ୍ଚ ଆଜ୍ଞାରେ ହିଁ ରହିବାର ଅଛି, ପାଳନ କରିବାର ହିଁ ଅଛି ।' ନିଶ୍ଚୟ କରିବା କ୍ଷଣି ମୋ

ଆଜ୍ଞାରେ ଆସିଗଲ, ମୋତେ ଏତିକି ହିଁ ଦରକାର। ପାଳନ ହୋଇପାରୁ ନାହିଁ, ତାହାର କଜେଜ୍ (କାରଣ) ମୋତେ ଜଣାଅଛି । ମୋତେ ପାଳନ କରିବାର ଅଛି, ଏପରି ନିଶ୍ଚୟ କରିବାର ହିଁ ଅଛି ।

ମୋର ଜ୍ଞାନଦ୍ୱାରା ମୋକ୍ଷ ତ' ହେବ ହିଁ। ଯଦି କେହି ଆଜ୍ଞାରେ ରହିବ ତେବେ ତାହାର ମୋକ୍ଷ ହୋଇଯିବ, ଏଥିରେ ଦ୍ୱିମତ୍ତ ନାହିଁ । ପୁଣି ଯଦି କେହି ପାଳନ କରୁନାହିଁ, କିନ୍ତୁ ଯଦି ସିଏ ଜ୍ଞାନ ନେଇଛି ନା', ତେବେ କେବେ ନା କେବେ ଅଙ୍କୁରିତ ନ ହୋଇ ରହିବ ହିଁ ନାହିଁ । ଏଥିପାଇଁ ଲୋକେ ମୋତେ କୁହନ୍ତି, ଯେ 'ଜ୍ଞାନ ପାଇଥିବା କିଛି ଲୋକ ଆଜ୍ଞାର ପାଳନ କରୁ ନାହାନ୍ତି, ସେମାନଙ୍କର କ'ଣ ହେବ ?' ମୁଁ କହିଲି, 'ଏହା ତୁମର ଦେଖିବା ଆବଶ୍ୟକ ନାହିଁ, ଏହା ମୋତେ ଦେଖିବାର ଆବଶ୍ୟକ ଅଛି । ଜ୍ଞାନ ମୋଠାରୁ ନେଇଯାଇଛନ୍ତି ନା' ! ତୋ'ର କ୍ଷତି ତ' ହୋଇ ନାହିଁ ନା ?' କାରଣ ମୋ ଦ୍ୱାରା ପାପ ଭସ୍ମୀଭୁତ ନହୋଇ ରହେ ନାହିଁ। ମୋର ଏହି ପାଞ୍ଚଟି ବାକ୍ୟରେ ରହିବେ ତ' ପହଞ୍ଚିପାରିବେ । ମୁଁ ନିରନ୍ତର ପାଞ୍ଚବାକ୍ୟରେ ହିଁ ରହେ ଏବଂ ମୁଁ ଯେଉଁଥିରେ ରହେ, ସେହି 'ଦଶା' (ସ୍ଥିତି) ଆପଣଙ୍କୁ ଦେଇଛି । ଆଜ୍ଞାରେ ରହିବ ତେବେ କାମ ହେବ। ନିଜର ବୁଦ୍ଧିରେ ଲକ୍ଷେ ଜନ୍ମ ମୁଣ୍ଡ ବାଡେଇଲେ ମଧ୍ୟ କିଛି ହେବ ନାହିଁ। ଏମାନେ ତ' ଆଜ୍ଞା ମଧ୍ୟ ନିଜର ବୁଦ୍ଧି ଅନୁସାରେ ପାଳନ କରନ୍ତି।। ପୁଣି, ଆଜ୍ଞା ମଧ୍ୟ ବୁଝନ୍ତି ନିଜର ବୁଦ୍ଧି ଅନୁଯାୟୀ ନା ! ସେଥିପାଇଁ ସେଠାରେ ମଧ୍ୟ ଟିକେ ଟିକେ ଲିକେଜ୍ ହେଉଥାଏ। ତଥାପି ଆଜ୍ଞା ପାଳନ ପଛରେ ତା'ର ନିଜର ଭାବ ଏପରି ହିଁ ଥାଏ ଯେ 'ଆଜ୍ଞା ପାଳନ କରିବାର ହିଁ ଅଛି ।' ଏଥିପାଇଁ ଜାଗୃତି ଦରକାର।

ଆଜ୍ଞା ପାଳନ କରିବାକୁ ଯଦି ଭୂଲିଯିବେ ତେବେ ପ୍ରତିକ୍ରମଣ କରିବେ। ଭୁଲି ତ' ଯାଇପାରେ କାରଣ ମନୁଷ୍ୟ ଅଟେ। କିନ୍ତୁ ଭୂଲିଯିବା ପରେ ପ୍ରତିକ୍ରମଣ କରନ୍ତୁ ଯେ 'ହେ ଦାଦାଜୀ, ଏହି ଦୁଇ ଘଣ୍ଟା ଭୂଲିଗଲି, ଆପଣଙ୍କର ଆଜ୍ଞା ଭୂଲିଗଲି । ମାତ୍ର ମୋତେ ତ' ଆଜ୍ଞା ପାଳନ କରିବାର ହିଁ ଅଛି । ମୋତେ କ୍ଷମା କରନ୍ତୁ ।' ତେବେ ପୂର୍ବର ସବୁ କ୍ଷମା ହୋଇଗଲା। ଶହେରୁ ଶହେ ମାର୍କ ପୂରା। ଏଥିପାଇଁ ଜୋଖିମ୍‌ଦାରୀ(ଦୋଷର ଫଳାଫଳର ଭୟ) ଆଉ ରହିଲା ନାହିଁ। ଆଜ୍ଞାରେ

ଆସିଯିବେ ତେବେ ତା'କୁ ସାରା ୱାର୍ଲଡ୍ ସ୍ପର୍ଶ କରି ପାରିବ ନାହିଁ । ମୋର ଆଜ୍ଞାକୁ ପାଳନ କଲେ ଆପଣଙ୍କୁ କିଛି ସ୍ପର୍ଶ କରିବ ନାହିଁ । ତେବେ କ'ଣ ଆଜ୍ଞା ଦେବାବାଲାକୁ ସ୍ପର୍ଶ କରିବ ? ନାଁ, କାରଣ ପରହେତୁ ପାଇଁ ଅଟେ, ଏଥିପାଇଁ ତା'ଙ୍କୁ ସ୍ପର୍ଶ କରିବ ନାହିଁ ଏବଂ ଡିଜୋଲଭ୍ ହୋଇଯିବ ।

## ଏହା ତ' ଅଟେ ଭଗବାନଙ୍କର ଆଜ୍ଞା ! ! !

ଦାଦାଜୀଙ୍କର ଆଜ୍ଞା ପାଳନ କରିବା ଅର୍ଥାତ୍ ତାହା 'ଏ.ଏମ୍. ପଟେଲ'ଙ୍କର ଆଜ୍ଞା ନୁହେଁ । ସ୍ୱୟଂ 'ଦାଦା ଭଗବାନ'ଙ୍କର, ଯିଏ ଚଉଦ ଲୋକର ନାଥ ଅଟନ୍ତି, ତା'ଙ୍କର ଆଜ୍ଞା ଅଟେ । ତାହାର ଗ୍ୟାରେଣ୍ଟି ଦେଉଛି । ଏହା ତ' ମୋ ମାଧ୍ୟମରେ ଏହି ସବୁକଥା ବାହାରିଛି । ଏଥିପାଇଁ ଆପଣଙ୍କୁ ଏହି ଆଜ୍ଞାର ପାଳନ କରିବାର ଅଛି । 'ମୋର ଆଜ୍ଞା' ନୁହେଁ,ଏହା 'ଦାଦା ଭଗବାନ'ଙ୍କର ଆଜ୍ଞା ଅଟେ । ମୁଁ ମଧ୍ୟ ଭଗବାନଙ୍କର ଏହି ଆଜ୍ଞାରେ ରହୁଛି ନା !

**ଜୟ ସଚ୍ଚିଦାନନ୍ଦ**

# ନିତ୍ୟକ୍ରମ

## ପ୍ରାତଃ ବିଧି

- ଶ୍ରୀ ସୀମନ୍ଧର ସ୍ୱାମୀଙ୍କୁ ନମସ୍କାର କରୁଛି । (୫)
- ବାତ୍ସଲ୍ୟମୂର୍ତ୍ତି 'ଦାଦା ଭଗବାନ'ଙ୍କୁ ନମସ୍କାର କରୁଛି । (୫)
- ପ୍ରାପ୍ତ ମନ-ବଚନ-କାୟା ଦ୍ୱାରା ଏହି ଜଗତର କୌଣସି ଜୀବକୁ କିଞ୍ଚିତ୍‌ମାତ୍ର ମଧ୍ୟ ଦୁଃଖ ନ ହେଉ, ନ ହେଉ, ନ ହେଉ । (୫)
- କେବଳ ଶୁଦ୍ଧାତ୍ମା ଅନୁଭବ ଛଡା ଏହି ଜଗତର କୌଣସି ବିନାଶୀ ବସ୍ତୁ ମୋର ଦରକାର ନାହିଁ । (୫)
- ପ୍ରକଟ ଜ୍ଞାନୀପୁରୁଷ ଦାଦା ଭଗବାନଙ୍କ ଆଜ୍ଞାରେ ହିଁ ନିରନ୍ତର ରହିବା ପାଇଁ ପରମ ଶକ୍ତି ପ୍ରାପ୍ତ ହେଉ, ପ୍ରାପ୍ତ ହେଉ, ପ୍ରାପ୍ତ ହେଉ । (୫)
- ଜ୍ଞାନୀପୁରୁଷ 'ଦାଦା ଭଗବାନ'ଙ୍କ ବୀତରାଗ ବିଜ୍ଞାନର ଯଥାର୍ଥ ରୂପରେ, ସମ୍ପୂର୍ଣ-ସର୍ବାଙ୍ଗ ରୂପରେ କେବଳଜ୍ଞାନ, କେବଳଦର୍ଶନ ଏବଂ କେବଳଚାରିତ୍ରରେ ପରିଣମନ ହେଉ, ପରିଣମନ ହେଉ, ପରିଣମନ ହେଉ । (୫)

❖ ❖ ❖

## ନମସ୍କାର ବିଧି

- ପ୍ରତ୍ୟକ୍ଷ ଦାଦା ଭଗବାନଙ୍କ ସାକ୍ଷୀରେ, ବର୍ତ୍ତମାନରେ ମହାବିଦେହ କ୍ଷେତ୍ରରେ ବିଚରିତ ତୀର୍ଥଙ୍କର ଭଗବାନ ଶ୍ରୀ ସୀମନ୍ଧର ସ୍ୱାମୀଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୪୦)
- ପ୍ରତ୍ୟକ୍ଷ ଦାଦା ଭଗବାନଙ୍କ ସାକ୍ଷୀରେ, ବର୍ତ୍ତମାନରେ ମହାବିଦେହ କ୍ଷେତ୍ର ତଥା ଅନ୍ୟ କ୍ଷେତ୍ରରେ ବିଚରିତ ଓଁ ପରମେଷ୍ଠି ଭଗବନ୍ତମାନଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୫)

- ପ୍ରତ୍ୟକ୍ଷ ଦାଦା ଭଗବାନଙ୍କ ସାକ୍ଷୀରେ, ବର୍ତ୍ତମାନରେ ମହାବିଦେହ କ୍ଷେତ୍ର ତଥା ଅନ୍ୟ କ୍ଷେତ୍ରରେ ବିଚରିତ ପଞ୍ଚ ପରମେଷ୍ଠି ଭଗବନ୍ତମାନଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୫)
- ପ୍ରତ୍ୟକ୍ଷ ଦାଦା ଭଗବାନଙ୍କ ସାକ୍ଷୀରେ ବର୍ତ୍ତମାନରେ ମହାବିଦେହ କ୍ଷେତ୍ର ତଥା ଅନ୍ୟ କ୍ଷେତ୍ରରେ ବିହରମାନ ତୀର୍ଥଙ୍କର ସାହିବମାନଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୫)
- ବୀତରାଗ ଶାସନ ଦେବୀ-ଦେବତାମାନଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୫)
- ନିଷ୍ପକ୍ଷପାତୀ ଶାସନ ଦେବୀ-ଦେବତାମାନଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୫)
- ଚବିଶ ତୀର୍ଥଙ୍କର ଭଗବନ୍ତମାନଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୫)
- ଶ୍ରୀ କୃଷ୍ଣ ଭଗବାନଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୫)
- ଭରତ କ୍ଷେତ୍ରରେ ବର୍ତ୍ତମାନ ବିଚରିତ ସର୍ବଜ୍ଞ ଶ୍ରୀ ଦାଦା ଭଗବାନଙ୍କୁ ନିଶ୍ଚୟ ସହ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୫)
- ଦାଦା ଭଗବାନଙ୍କ ସର୍ବ ସମକିତଧାରୀ ମହାତ୍ମାମାନଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୫)
- ସମସ୍ତ ବ୍ରହ୍ମାଣ୍ଡର ଜୀବମାତ୍ରର ରିୟଲ ସ୍ୱରୂପକୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । (୫)
- ରିୟଲ ସ୍ୱରୂପ ହିଁ ଭଗବତ୍ ସ୍ୱରୂପ ଅଟେ, ଏଥିପାଇଁ ସାରା ବିଶ୍ୱକୁ ଭଗବତ ସ୍ୱରୂପରେ ଦର୍ଶନ କରୁଛି । (୫)
- ରିୟଲ ସ୍ୱରୂପ ହିଁ ଶୁଦ୍ଧାତ୍ମା ସ୍ୱରୂପ ଅଟେ, ଏଥିପାଇଁ ସାରା ବିଶ୍ୱକୁ ଶୁଦ୍ଧାତ୍ମା ସ୍ୱରୂପରେ ଦର୍ଶନ କରୁଛି । (୫)

- ରିୟଲ ସ୍ୱରୂପ ହିଁ ତତ୍ତ୍ୱ ସ୍ୱରୂପ ଅଟେ, ଏଥିପାଇଁ ସାରା ବିଶ୍ୱକୁ ତତ୍ତ୍ୱ ଜ୍ଞାନରୂପରେ ଦର୍ଶନ କରୁଛି । (୫)

(ବର୍ତ୍ତମାନ ତୀର୍ଥଙ୍କର ଶ୍ରୀ ସୀମନ୍ଧର ସ୍ୱାମୀଙ୍କୁ ପରମ ପୂଜ୍ୟ ଶ୍ରୀ ଦାଦା ଭଗବାନଙ୍କ ମାଧ୍ୟମରେ ପ୍ରତ୍ୟକ୍ଷ ନମସ୍କାର ପହଞ୍ଚି ଥାଏ । ବନ୍ଧନୀରେ ଲେଖାଯାଇଥିବା ସଂଖ୍ୟା ଅନୁସାରେ ପ୍ରତିଦିନ ଥରେ ପଢନ୍ତୁ ।)

❖ ❖ ❖

# ନଅ କଲମ

୧. ହେ ଦାଦା ଭଗବାନ ! ମୋତେ, କୌଣସି ମଧ୍ୟ ଦେହଧାରୀ ଜୀବାତ୍ମାର କିଞ୍ଚିତମାତ୍ର ମଧ୍ୟ ଅହମ୍‌କୁ ଦୁଃଖ ନ ହେଉ, ଦୁଃଖ ନ ଦିଆଯାଉ ଅଥବା ଦୁଃଖ ହେବା ପ୍ରତି ଅନୁମୋଦନ ନ କରାଯାଉ, ଏପରି ପରମ ଶକ୍ତି ଦିଅନ୍ତୁ ।

ମୋତେ, କୌଣସି ଦେହଧାରୀ ଜୀବାତ୍ମାର କିଞ୍ଚିତମାତ୍ର ମଧ୍ୟ ଅହମ୍‌କୁ ଦୁଃଖ ନ ହେଉ, ଏପରି ସ୍ୟାଦବାଦ ବାଣୀ, ସ୍ୟାଦବାଦ ବ୍ୟବହାର ଏବଂ ସ୍ୟାଦବାଦ ମନନ କରିବା ପାଇଁ ପରମ ଶକ୍ତି ଦିଅନ୍ତୁ ।

୨. ହେ ଦାଦା ଭଗବାନ ! ମୋତେ, କୌଣସି ମଧ୍ୟ ଧର୍ମର କିଞ୍ଚିତମାତ୍ର ମଧ୍ୟ ପ୍ରମାଣ ଖଣ୍ଡନ ନ ହେଉ, ଖଣ୍ଡନ ନ କରାଯାଉ ଅଥବା ଖଣ୍ଡନ କରାଇବା ପ୍ରତି ଅନୁମୋଦନ ନ କରାଯାଉ, ଏପରି ପରମ ଶକ୍ତି ଦିଅନ୍ତୁ ।

ମୋତେ, କୌଣସି ଧର୍ମର କିଞ୍ଚିତମାତ୍ର ମଧ୍ୟ ପ୍ରମାଣ ଖଣ୍ଡନ ନହେଉ ଏପରି ସ୍ୟାଦବାଦ ବାଣୀ, ସ୍ୟାଦବାଦ ବ୍ୟବହାର ଏବଂ ସ୍ୟାଦବାଦ ମନନ କରିବା ପାଇଁ ପରମ ଶକ୍ତି ଦିଅନ୍ତୁ ।

୩. ହେ ଦାଦା ଭଗବାନ ! ମୋତେ, କୌଣସି ମଧ୍ୟ ଦେହଧାରୀ ଉପଦେଶକ ସାଧୁ, ସାଧ୍ୱୀ ବା ଆର୍ଯ୍ୟଙ୍କର ଅବର୍ଣ୍ଣବାଦ, ଅପରାଧ, ଅବିନୟ ନ କରିବା ପାଇଁ ପରମ ଶକ୍ତି ଦିଅନ୍ତୁ ।

୪. ହେ ଦାଦା ଭଗବାନ ! ମୋତେ, କୌଣସି ମଧ୍ୟ ଦେହଧାରୀ ଜୀବାତ୍ମାଙ୍କ ପ୍ରତି କିଞ୍ଚିତମାତ୍ର ମଧ୍ୟ ଅଭାବ, ତିରସ୍କାର କେବେବି ନ କରେ, ନ କରାଏ, ଅଥବା କର୍ତ୍ତାଙ୍କ ପ୍ରତି ଅନୁମୋଦନ ନ କରେ,ଏପରି ପରମ ଶକ୍ତି ଦିଅନ୍ତୁ ।

୫. ହେ ଦାଦା ଭଗବାନ ! ମୋତେ, କୌଣସି ମଧ୍ୟ ଦେହଧାରୀ ଜୀବାତ୍ମାଙ୍କ ସହିତ କେବେ ମଧ୍ୟ କଠୋର ଭାଷା, ତଂତିଲି ଭାଷା ନ କୁହେ, ନ କୁହାଏ ଅଥବା କହିବା ପାଇଁ ଅନୁମୋଦନା ନ କରେ, ଏପରି ପରମ ଶକ୍ତି ଦିଅନ୍ତୁ ।

କେହି କଠୋର ଭାଷା, ତଂତିଲି ଭାଷା କୁହେ ତେବେ ମୋତେ ମୃଦୂ-ଋଜୁ ଭାଷା କହିବା ପାଇଁ ଶକ୍ତି ଦିଅନ୍ତୁ ।

୬. ହେ ଦାଦା ଭଗବାନ ! ମୋତେ, କୌଣସି ମଧ୍ୟ ଦେହଧାରୀ ଜୀବାତ୍ମାଙ୍କ ପ୍ରତି ସ୍ତ୍ରୀ,ପୁରୁଷ ଅଥବା ନପୁଂସକ, କୌଣସି ମଧ୍ୟ ଲିଙ୍ଗଧାରୀ ହେଉ, ତେବେ ତାଙ୍କ ସମନ୍ଧରେ କିଞ୍ଚିତମାତ୍ର ମଧ୍ୟ ବିଷୟ-ବିକାର ସମ୍ବନ୍ଧୀୟ ଦୋଷ, ଇଚ୍ଛା, ଚେଷ୍ଟା ଅଥବା ବିଚାର ସମନ୍ଧୀୟ ଦୋଷ ନ କରେ, ନ କରାଏ ଅଥବା କର୍ତ୍ତାଙ୍କ ପ୍ରତି ଅନୁମୋଦନ ନ କରେ,ଏପରି ପରମ ଶକ୍ତି ଦିଅନ୍ତୁ । ମୋତେ ନିରନ୍ତର ନିର୍ବିକାର ରହିବା ପାଇଁ ପରମ ଶକ୍ତି ଦିଅନ୍ତୁ ।

୭. ହେ ଦାଦା ଭଗବାନ ! ମୋତେ, କୌଣସି ମଧ୍ୟ ରସରେ ଲୁବ୍ଧପନା ନ ହେଉ, ଏପରି ଶକ୍ତି ଦିଅନ୍ତୁ ।

ସମରସୀ ଆହାର ନେବା ପାଇଁ ପରମ ଶକ୍ତି ଦିଅନ୍ତୁ ।

୮. ହେ ଦାଦା ଭଗବାନ ! ମୋତେ, କୌଣସି ମଧ୍ୟ ଦେହଧାରୀ ଜୀବାତ୍ମାଙ୍କ ପ୍ରତ୍ୟକ୍ଷ ଅଥବା ପରୋକ୍ଷ, ଜୀବିତ ଅଥବା ମୃତ, କାହାରି ମଧ୍ୟ କିଞ୍ଚିତମାତ୍ର

ମଧ୍ୟ ଅବର୍ଣ୍ଣବାଦ, ଅପରାଧ, ଅବିନୟ ନ କରେ, ନ କରାଏ ଅଥବା କର୍ତ୍ତାଙ୍କ ପ୍ରତି ଅନୁମୋଦନା ନ କରେ ଏପରି ପରମ ଶକ୍ତି ଦିଅନ୍ତୁ।

୯. ହେ ଦାଦା ଭଗବାନ ! ମୋତେ, ଜଗତ କଲ୍ୟାଣ କରିବାରେ ନିମିତ୍ତ ହେବାପାଇଁ ପରମ ଶକ୍ତି ଦିଅନ୍ତୁ, ଶକ୍ତି ଦିଅନ୍ତୁ, ଶକ୍ତି ଦିଅନ୍ତୁ।

(ଏତିକି ଆପଣ ଦାଦା ଭଗବାନଙ୍କୁ ମାଗନ୍ତୁ। ଏହା ପ୍ରତିଦିନ ଯନ୍ତ୍ରବତ୍ ପଢ଼ିବାର ବସ୍ତୁ ନୁହେଁ, ହୃଦୟରେ ରଖିବାର ବସ୍ତୁ ଅଟେ। ଏହା ପ୍ରତିଦିନ ଉପଯୋଗପୂର୍ବକ ଭାବନା କରିବାର ବସ୍ତୁ ଅଟେ। ଏତିକି ପାଠରେ ତମାମ୍ ଶାସ୍ତ୍ରର ସାର ଆସିଯାଏ।)

❖ ❖ ❖

# ଜ୍ଞାନ ସାକ୍ଷାତ୍କାର ପ୍ରାପ୍ତି ହେତୁ ବ୍ୟବହାର ବିଧି

## (ଦିନରେ ଥରେ ପଢ଼ିବେ)

ପ୍ରକଟ 'ଜ୍ଞାନୀପୁରୁଷ' ଦାଦା ଭଗବାନଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି, ନମସ୍କାର କରୁଛି, ନମସ୍କାର କରୁଛି ।

ଯେଉଁମାନଙ୍କୁ ପ୍ରକଟ 'ଜ୍ଞାନୀପୁରୁଷ' ଦ୍ୱାରା 'ସତ୍' ପ୍ରାପ୍ତ ହୋଇଛି, ସେହି 'ସତ୍ପୁରୁଷ'ମାନଙ୍କୁ ଅତ୍ୟନ୍ତ ଭକ୍ତିରେ ନମସ୍କାର କରୁଛି, ନମସ୍କାର କରୁଛି, ନମସ୍କାର କରୁଛି ।

ସମସ୍ତ ନିଷ୍ପକ୍ଷପାତୀ ଦେବୀ-ଦେବତାମାନଙ୍କୁ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି, ନମସ୍କାର କରୁଛି, ନମସ୍କାର କରୁଛି ।

ହେ ପ୍ରକଟ ଜ୍ଞାନୀପୁରୁଷ ତଥା ହେ ସତ୍ପୁରୁଷଗଣ ଆଜିର ଏହି ଜ୍ୱଳନ୍ତ ନିଆଁରେ ଜଳୁଥିବା ଜଗତର କଲ୍ୟାଣ କରନ୍ତୁ, କଲ୍ୟାଣ କରନ୍ତୁ, କଲ୍ୟାଣ କରନ୍ତୁ ଏବଂ ସେଥିରେ ମୁଁ ନିମିତ୍ତ ବନେ ଏପରି ଶୁଦ୍ଧ ଭାବନାରେ ଆପଣଙ୍କ ସମ୍ମୁଖରେ ମନ-ବଚନ-କାୟାର ଏକାଗ୍ରତାରେ ପ୍ରାର୍ଥନା ବିଧି କରୁଛି । ଯାହା ଆତ୍ୟନ୍ତିକ ରୂପରେ ସଫଳ ହେଉ, ସଫଳ ହେଉ, ସଫଳ ହେଉ ।

ହେ ଦାଦା ଭଗବାନ ! ଆପଣଙ୍କ ଶୁଦ୍ଧ ଜ୍ଞାନରେ ଅବଲୋକନ ହୋଇଥିବା ଏବଂ ଆପଣଙ୍କ ଶ୍ରୀମୁଖରୁ ପ୍ରକଟ ହୋଇଥିବା ଶୁଦ୍ଧ ଜ୍ଞାନସୂତ୍ର ଏହିପରି ଅଟେ :-

"ମନ-ବଚନ-କାୟାର ତମାମ ଲେପାୟମାନ ଭାବ ଯାହା ଅଛି, ତାହାଠାରୁ 'ଶୁଦ୍ଧଚେତନ' ସର୍ବଦା ନିର୍ଲେପ ହିଁ ଅଟେ ।" (୩)

"ମନ-ବଚନ-କାୟାର ତମାମ ସଙ୍ଗୀ କ୍ରିୟାମାନଙ୍କଠାରୁ 'ଶୁଦ୍ଧଚେତନ' ବିଲ୍‌କୁଲ ଅସଙ୍ଗ ହିଁ ଅଟେ ।" (୩)

"ମନ-ବଚନ-କାୟାର ଅଭ୍ୟାସଗୁଡ଼ିକୁ ଏବଂ ସେମାନଙ୍କର ସ୍ୱଭାବକୁ 'ଶୁଦ୍ଧଚେତନ' ଜାଣେ ଏବଂ ନିଜର ସ୍ୱଭାବକୁ ମଧ୍ୟ 'ଶୁଦ୍ଧଚେତନ' ଜାଣେ । କାରଣ ସେ ସ୍ୱ-ପର ପ୍ରକାଶକ ଅଟେ ।" (୩)

"ଆହାରୀ ଆହାର କରେ ଏବଂ ନିରାହାରୀ 'ଶୁଦ୍ଧଚେତନ' କେବଳ ତା'କୁ ଜାଣେ ।" (୩)

"ସ୍ଥୂଳ ସଂଯୋଗ, ସୂକ୍ଷ୍ମ ସଂଯୋଗ, ବାଣୀର ସଂଯୋଗ ପର ଅଟେ ଏବଂ ପରାଧୀନ ଅଟେ, ଆଉ 'ଶୁଦ୍ଧଚେତନ' ତାହାର କେବଳ ଜ୍ଞାତା-ଦ୍ରଷ୍ଟା ଅଟେ ।" (୩)

"ସ୍ଥୂଳତମରୁ ସୂକ୍ଷ୍ମତମ ପର୍ଯ୍ୟନ୍ତ ତମାମ ସଂସାରୀ ଅବସ୍ଥାଗୁଡ଼ିକର 'ଶୁଦ୍ଧଚେତନ' କେବଳ ଜ୍ଞାତା-ଦ୍ରଷ୍ଟା ଅଟେ, ଟଙ୍କୋତ୍କୀର୍ଣ୍ଣ ଅଟେ, ଆନନ୍ଦ ସ୍ୱରୁପ ଅଟେ ।" (୩)

"ମନ, ବଚନ, କାୟାର ଅବସ୍ଥାଗୁଡ଼ିକ ମାତ୍ର ପ୍ରକୃତିର ରଚନା (Only Scientific Circumstantial Evidence) ଅଟେ, ଯାହାର କେହି ବାପା ମଧ୍ୟ ରଚିଲାବାଲା ନାହିଁ ଆଉ ତାହା 'ବ୍ୟବସ୍ଥିତ' ଅଟେ ।" (୩)

"ନିଶ୍ଚେତନ-ଚେତନର ଗୋଟିଏ ମଧ୍ୟ ଗୁଣ 'ଶୁଦ୍ଧଚେତନ'ରେ ନାହିଁ ଏବଂ 'ଶୁଦ୍ଧଚେତନ'ର ଗୋଟିଏ ମଧ୍ୟ ଗୁଣ ନିଶ୍ଚେତନ-ଚେତନରେ ନାହିଁ । ଦୁହେଁ ସର୍ବଦା ଭିନ୍ନ ହିଁ ଅଟନ୍ତି । (୩)

"ଚଞ୍ଚଳ ଅଂଶର ଯେଉଁସବୁ ଭାବ ଅଛି, ସେ ସବୁ ନିଶ୍ଚେତନ-ଚେତନର ଭାବ ଅଟେ ଏବଂ 'ଶୁଦ୍ଧଚେତନ' ଯାହା ଅଚଳ ଅଟେ, ତାହାର ଭାବ ନାହିଁ ।" (୩)

ହେ ପ୍ରଭୁ ! 'ଶୁଦ୍ଧଚେତନ'ର ଭାବ ଉପରୋକ୍ତ ସୂତ୍ର ଅନୁସାରେ 'ଏହା' ଅଟେ, ଭ୍ରାନ୍ତିବଶତଃ ମୋତେ ଯଥାର୍ଥ ରୂପରେ, ଯେପରି ଅଟେ ସେପରି, ବୁଝି ହେଲା ନାହିଁ । କାରଣ ନିଷ୍ପକ୍ଷପାତୀ ଭାବରେ ମୋତେ ନିଜେ ନିଜର ନିରୀକ୍ଷଣ କରିବାରୁ ବୁଝାପଡ଼ିଲା ଯେ ମୋ'ଠାରୁ ମୋର ଅନ୍ତରକ୍ଲେଶ ତଥା କ୍ଲେଶ-ବେଚୈନି (ଅବିଶ୍ରାନ୍ତତା / Restless) ଯାଇନାହିଁ । ହେ ପ୍ରଭୁ ! ଏଥିପାଇଁ ମୋର ଅନ୍ତରକ୍ଲେଶର ଶମନ (ଶାନ୍ତ କରାଇବା) ହେତୁ ମୋତେ ପରମ ଶକ୍ତି ଦିଅନ୍ତୁ । ଏହି ଶୁଦ୍ଧ ଭାବସବୁକୁ ଯେମିତି କି ସେମିତି ବୁଝିବା ଛଡ଼ା ଏବେ ମୋର ଆଉ କିଛି କାମନା ନାହିଁ, ମୁଁ

କେବଳ ମୋକ୍ଷକାମୀ ଅଟେ । ସେଥିପାଇଁ ମୋର ଦୃଢ଼ ଅଭିଳାଶା ଅଛି ଯେ ମୁଁ 'ସତ୍‌ପୁରୁଷମାନଙ୍କର ବିନୟ'ରେ ଏବଂ 'ଜ୍ଞାନୀପୁରୁଷଙ୍କ ପରମ ବିନୟ'ରେ ରହିକରି, ମୁଁ କିଛି ମଧ୍ୟ ଜାଣି ନାହିଁ, ଏପରି ଭାବରେ ହିଁ ରହେ ।

ଉପରୋକ୍ତ ଜ୍ଞାନସୁତ୍ରର ଅନୁସାରେ ଶୁଦ୍ଧ ଭାବ ମୋର ଶ୍ରଦ୍ଧାରେ ଏବଂ ଜ୍ଞାନରେ ଆସିପାରୁ ନାହିଁ । ଯଦି ସେ ସବୁ ଭାବ ମୋର ଦୃଢ଼ ଶ୍ରଦ୍ଧାରେ ଆସିବ ତେବେ ମୁଁ ଅନୁଭବ କରିପାରିବି ଯେ ମୋତେ ଯଥାର୍ଥ ସମ୍ୟକଦର୍ଶନ ହୋଇଛି । ଏହା ପାଇଁ ଦୁଇଟି ଜିନିଷ ମୁଖ୍ୟ ଅଟେ।

୧) 'ମୁଁ ପରମ-ସତ୍ୟ ଜାଣିବାର ହିଁ କାମୀ ଅଟେ ।' ଏପରି ଭାବ-ନିଷ୍ଠା ।

୨) 'ପରମ-ସତ୍ୟ' 'ଜ୍ଞାନୀପୁରୁଷ'ଙ୍କ ଆଜ୍ଞାର ସମ୍ପୂର୍ଣ୍ଣ ଆରାଧନା ଦ୍ୱାରା ହିଁ ପ୍ରାପ୍ତ ହୁଏ ।

'ଜ୍ଞାନୀପୁରୁଷ'ଙ୍କ ପ୍ରତ୍ୟକ୍ଷ ଯୋଗ ବିନା ଅନ୍ୟ କୌଣସି ମଧ୍ୟ ମାର୍ଗ ନାହିଁ । ଏଥିପାଇଁ ମୁଁ ପ୍ରତ୍ୟକ୍ଷ 'ଜ୍ଞାନୀପୁରୁଷ'ଙ୍କୁ ଖୋଜିବାରେ ରହେ ଏବଂ ତାଙ୍କର ଯୋଗ ପ୍ରାପ୍ତ ହେବା ପରେ ମୁଁ ତାଙ୍କରି ହିଁ ଆଜ୍ଞାର ଆରାଧନାରେ ରହିବାର ଦୃଢ଼ ନିର୍ଣ୍ଣୟ-ନିଶ୍ଚୟ କରୁଛି । ମୋର ଏହି କାମନା ସଫଳ ହେଉ, ସଫଳ ହେଉ, ସଫଳ ହେଉ ।

❖ ❖ ❖

ଆତ୍ମଜ୍ଞାନୀ ପୁରୁଷ 'ଏ.ଏମ୍. ପଟେଲ୍'ଙ୍କ ଭିତରେ ପ୍ରକଟ ହୋଇଥିବା

**"ଦାଦା ଭଗବାନ କେ ଅସୀମ ଜୟ ଜୟକାର ହୋ"**

(ପ୍ରତିଦିନ କମ୍‌ସେ କମ୍ ଦଶ ମିନିଟ୍‌ରୁ ପଚାଶ ମିନିଟ୍ ପର୍ଯ୍ୟନ୍ତ ଜୋର୍‌ରେ ବୋଲନ୍ତୁ)

# ଯୋଗାଯୋଗ

## ଦାଦା ଭଗବାନ ପରିବାର

**ଗୁଜୁରାଟ** : ଅଡ଼ାଲଜ ତ୍ରିମନ୍ଦିର - (୦୭୯) ୩୯୮୩୦୧୦୦
ରାଜକୋଟ ତ୍ରିମନ୍ଦିର - ୯୨୭୪୧୧୧୩୯୩
ଭୁଜ୍ ତ୍ରିମନ୍ଦିର - (୦୨୮୩୨) ୨୯୦୧୨୩
ଗୋଦ୍ରା ତ୍ରିମନ୍ଦିର - (୦୨୬୭୨) ୨୬୨୩୦୦
ମୋର୍‌ବି ତ୍ରିମନ୍ଦିର - (୦୨୮୨୨) ୨୯୭୦୯୭
ଅମ୍‌ରେଲି ତ୍ରିମନ୍ଦିର - ୯୯୨୪୩୪୪୪୬୦
ସୁରେନ୍ଦ୍ରନଗର ତ୍ରିମନ୍ଦିର - ୯୮୭୯୨୩୨୮୭୭

**ଓଡ଼ିଶା** : କଟକ - ୮୭୬୩୦୯୦୦୪୨
ଭୁବନେଶ୍ୱର - ୮୨୭୦୩୧୧୯୬୧
ପାରାଦ୍ୱୀପ - ୯୦୯୦୨୭୬୨୦୪
ସମ୍ବଲପୁର - ୯୬୬୮୧୫୯୯୮୭
ବାଲେଶ୍ୱର - ୯୬୫୮୫୫୯୫୫୯
ପୁରୀ - ୯୮୬୧୪୭୦୮୧୬
ବ୍ରହ୍ମପୁର - ୯୮୫୩୩୩୩୩୫୫

**ମୁମ୍ବାଇ** : ୯୩୨୩୫୨୮୯୦୧
**କୋଲକତା** : ୦୩୩-୩୨୯୩୩୮୮୫
**ଜୟପୁର** : ୯୩୫୧୪୦୮୨୮୫
**ଇନ୍ଦୋର** : ୯୮୯୩୫୪୫୩୫୧
**ରାୟପୁର** : ୯୩୨୯୫୨୩୭୩୭
**ପଟନା** : ୯୪୩୧୦୧୫୬୦୧
**ଦିଲ୍ଲୀ** : ୯୮୧୦୦୯୮୫୬୪

**ବାଙ୍ଗାଲୋର** : ୯୫୯୦୯୭୯୦୯୯
**ଜଲନ୍ଧର** : ୯୮୧୪୦୬୩୦୪୩
**ହାଇଦ୍ରାବାଦ** : ୯୯୮୯୮୭୭୭୮୬
**ଅମରାବତୀ** : ୯୪୨୨୯୧୫୦୬୪
**ଭିଲାଇ** : ୯୮୨୭୪୮୧୩୩୬
**ଜବଲପୁର** : ୯୪୨୫୧୬୦୪୨୮
**ଭୋପାଲ୍** : ୯୪୨୫୦୨୪୪୦୫

**ଚେନ୍ନାଇ** : (୦୪୪)୮୯୧୯୩୬୯, ୮୯୧୯୨୫୩

| | | |
|---|---|---|
| UK | : | +44 330111 DADA(3232) |
| Kenya | : | +254 722 722 063 |
| Australia | : | +61 421127947 |
| UAE | : | +971 557316937 |
| Singapore | : | +65 81129229 |
| New Zealand | : | +64 21 0376434 |
| Germany | : | +49 700 32327474 |
| USA-Canada | : | Dada Bhagwan Vignan Institute<br>+1 877505 DADA (3232)<br>Email : info@us.dadabhagwan.org |

**www.dadabhagwan.org**
Website for Newcomers

**satsang.dadabhagwan.org**
Website for Followers

**dadabhagwan.tv & dadabhagwan.fm**
Watch Video & Listen Audio

**kids.dadabhagwan.org**
Kids websites (3-12 years)

**youth.dadabhagwan.org**
Youth Website (13-21 years)

**store.dadabhagwan.org**
Online Purchase store

**Email : info@dadabhagwan.org**

# दादा भगवान फाउन्डेशन के द्वारा प्रकाशित पुस्तकें

१. ज्ञानी पुरुष की पहचान
२. सर्व दु:खों से मुक्ति
३. कर्म का सिद्धांत
४. आत्मबोध
५. मैं कौन हूँ ?
६. वर्तमान तीर्थंकर श्री सीमंधर स्वामी
७. भुगते उसी की भूल
८. एडजस्ट एवरीव्हेयर
९. टकराव टालिए
१०. हुआ सो न्याय
११. चिंता
१२. क्रोध
१३. प्रतिक्रमण
१४. दादा भगवान कौन ?
१५. पैसों का व्यवहार
१६. अंत:करण का स्वरूप
१७. जगत कर्ता कौन ?
१८. त्रिमंत्र
१९. भावना से सुधरे जन्मोंजन्म
२०. प्रेम
२१. माता-पिता और बच्चों का व्यवहार
२२. समझ से प्राप्त ब्रह्मचर्य
२३. दान
२४. मानव धर्म
२५. सेवा-परोपकार
२६. मृत्यु समय, पहले और पश्चात
२७. निजदोष दर्शन से... निर्दोष
२८. पति-पत्नी का दिव्य व्यवहार
२९. क्लेश रहित जीवन
३०. गुरु-शिष्य
३१. अहिंसा
३२. सत्य-असत्य के रहस्य
३३. चमत्कार
३४. पाप-पुण्य
३५. वाणी, व्यवहार में...
३६. कर्म का विज्ञान
३७. आप्तवाणी - १ से ८
३८ समझ से प्राप्त ब्रह्मचर्य - (पूर्वार्ध-उत्तरार्ध)

★ दादा भगवान फाउन्डेशन के द्वारा गुजराती भाषा में भी कई पुस्तकें प्रकाशित हुई है। वेबसाइट www.dadabhagwan.org पर से भी आप ये सभी पुस्तकें प्राप्त कर सकते हैं।

## ଜୀବନର ଧ୍ୟେୟ

ଯଦି ଏହି ସଂସାର ଆପଣଙ୍କୁ ପୋସଉଛି (ଅସୁବିଧା କରୁନାହିଁ) ତେବେ ଆଗକୁ କିଛି ମଧ୍ୟ ବୁଝିବାର ଆବଶ୍ୟକ ନାହିଁ ଏବଂ ଯଦି ଏହି ସଂସାର ଆପଣଙ୍କୁ କିଛି ଅସୁବିଧା କରୁଛି ତେବେ ଆଧ୍ୟାତ୍ମ ଜାଣିବା ଆବଶ୍ୟକ ।

ଆଧ୍ୟାତ୍ମରେ 'ସ୍ୱ-ରୂପ'କୁ ଜାଣିବା ଆବଶ୍ୟକ ଅଛି ।

'ମୁଁ କିଏ' ଏହା ଜାଣିବା ଦ୍ୱାରା ସବୁ ପଜଲ୍ ସୋଲ୍ଭ ହୋଇଯାଏ ।

-ଦାଦାଶ୍ରୀ

dadabhagwan.org

ISBN 978-93-85912-10-8
9 789385 912108
Printed in India
MRP ₹15